## ଗଞ୍ଜେଇ ଜବତ, ୨ଗିରଫ

ଗୁଡ଼ଭେଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ପାଟ୍ରୋଲିଂ ପୋଲିସ ରବିବାର ବିଳମ୍ବିତ ରାତିରେ ଗୁଡଭେଲା ବ୍ଲକ ଜାମୁଟ ଶାନ୍ତିପଡା ଛକରେ ୭କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବରପାଲି ଥାନା ଟିକିନିପାଲିର ଭୋଲାନାଥ ବେହେରା ଓ ସୁଧିର କୁମ୍ଭାର। ବାଇକ ନମ୍ବର ଓଡି୧୭ଏସ ୦୦୪୫ରେ ଉଭୟେ ଗଞ୍ଜେଇ ନେଇ ଆସୁଥିବା ବେଳେ ପୋଲିସ ସନ୍ଦେହରେ ଅଟକାଇ ଯାଞ୍ଚ କରିବା ବେଳେ ଗଞ୍ଜେଇ ବାହାରିଥିଲା। ଏ ନେଇ ଏକ ମାମଲା(୧୬୮/୨୧)ରୁଜୁ ହୋଇଥିବା ତୁଷୁରା ଥାନାଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନ କହିଛନ୍ତି।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରୁ ଏଫ୍‌ସିଆଇ

**ବଲାଙ୍ଗୀର ଅଫିସ/ଲୋଇସିଂହା, ୨୨।୧୧(ଡି.ଏନ.ଏ.)**

■ବିଭାଗୀୟ ଷ୍ଟାଣ୍ଡିଂ କମିଟି ୬ର ବୈଠକ
■ଡୁଡୁକାରେ ଚଳିତ ବର୍ଷରୁ ଧାନକିଣା ଆରମ୍ଭ ହେଉ

ଓଡିଶା ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି ୬ର ସଦସ୍ୟମାନେ ସୋମବାର ବଲାଙ୍ଗୀର ଜିଲାର କ୍ଷେତ୍ର ପରିଦର୍ଶନ କରି ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। କମିଟି ଅଧ୍ୟକ୍ଷ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାରେ ଧାନକିଣା ଅବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତିନିବର୍ଷରୁ ଉର୍ଦ୍ଧ୍ୱ ହେବ ବଲାଙ୍ଗୀର ଜିଲାର ଚାଷୀଙ୍କ ଠାରୁ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଧାନ କିଣୁନାହିଁ। ଷ୍ଟାଣ୍ଡିଂ କମିଟିର ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଏହାର ଉଚ୍ଚସ୍ତରୀୟ ଅଧିକାରୀ ବୈଠକକୁ ଆସୁନାହାନ୍ତି। ଧାନକ୍ରୟ କମିଟି ନିଷ୍ପତ୍ତି ମୁତାବକ ଆସନ୍ତା ୨୯ ତାରିଖରୁ ଜିଲାରେ ଧାନକିଣା ଆରମ୍ଭ ହେବ। ଏଥିରେ ଏଫସିଆଇ ଆଗଲପୁର ବ୍ଲକର ଡୁଡୁକା ଅଞ୍ଚଳରୁ ଧାନ କିଣୁ ବୋଲି ସୋମବାର ଗୃହ କମିଟି ୬ର ଅଧ୍ୟକ୍ଷ ମିଶ୍ର ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି।


ବିଭାଗୀୟ ଷ୍ଟାଣ୍ଡିଂ କମିଟି ପକ୍ଷରୁ ବଲାଙ୍ଗୀର ସର୍କିଟ ହାଉସଠାରେ ସମୀକ୍ଷା ବୈଠକ କରାଯାଉଛି।

ସେ ଆହୁରି କହିଛନ୍ତି ଯେ, ଏଫ୍‌ସିଆଇର ଉଚ୍ଚ କର୍ତ୍ତୃପକ୍ଷ ଭୁବନେଶ୍ୱରରେ ହୋଇଥିବା କମିଟି ବୈଠକରେ ଭୁଲ ତଥ୍ୟ ଦେଇଛନ୍ତି। ଗତ କିଛିବର୍ଷ ହେଲା ଡୁଡୁକା ଅଞ୍ଚଳରୁ କୌଣସି ବି ଚାଷୀ ଏଫ୍‌ସିଆଇକୁ ଧାନ ବିକିବା ପାଇଁ ଆଗ୍ରହ ଦେଖାଉ ନ ଥିବ କହିଥିଲେ। ସୋମବାର କମିଟି ସଦସ୍ୟମାନେ କ୍ଷେତ୍ର ପରିଦର୍ଶନ ସମୟରେ ଡୁଡୁକାରେ ଉପସ୍ଥିତ ଥିବା ଚାଷୀମାନେ ଏଫସିଆଇ ଅଧିକାରୀଙ୍କ ଏଭଳି ତଥ୍ୟକୁ ସମ୍ପୂର୍ଣ୍ଣ ଭୁଲ ବୋଲି କହିଥିଲେ। ଗତ କିଛି ବର୍ଷ ହେଲା ଏଫ୍‌ସିଆଇ କର୍ତ୍ତୃପକ୍ଷ କେବେବି ସେମାନଙ୍କ ପାଖକୁ ଆସି ଧାନ କିଣିବା ପାଇଁ ଅନୁରୋଧ କରିନାହାନ୍ତି କହିଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଏଫସିଆଇ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ସହ ଷ୍ଟାଣ୍ଡିଂ କମିଟିକୁ ଭୁଲ ତଥ୍ୟ ଦେଉଛି। ଏଫ୍‌ସିଆଇ ଜେନେରାଲ ମ୍ୟାନେଜର ଆଜିର ବୈଠକରେ ଉପସ୍ଥିତ ରହିବା ପାଇଁ ସହମତି ପ୍ରଦାନ ସତ୍ତ୍ୱେ ବିନା ସୂଚନାରେ ଅନୁପସ୍ଥିତ ରହିଛନ୍ତି। ତାଙ୍କ ବିରୋଧରେ କାହିଁକି ସ୍ୱାଧିକାର ଭଙ୍ଗ ନୋଟିସ ଜାରି କରାଯିବ ନାହିଁ ସେ ଉପରେ ନୋଟିସ କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଜଳସେଚିତ ଓ ଅଣ ଜଳସେଚିତ ଜମିର ଯଥାକ୍ରମେ ୧୩ ଏବଂ ୧୯ କୁଇଣ୍ଟାଲ ଧାନ କିଣିବା ପାଇଁ ସରକାର ନିଷ୍ପତ୍ତି କରିଛନ୍ତି। କିନ୍ତୁ ଉନ୍ନତ ପ୍ରଣାଳୀରେ ଚାଷ କରିବା ଦ୍ୱାରା ଆଗଲପୁର ଅଞ୍ଚଳରେ ଚାଷୀମାନେ ୧୯ କୁଇଣ୍ଟାଲରୁ ଅଧିକ ଧାନ ଅମଳ କରୁଛନ୍ତି। ଏ ସବୁ ବଳକା ଧାନକୁ ଏଫ୍‌ସିଆଇ କାହିଁକି କିଣୁନାହିଁ ବୋଲି ଉପସ୍ଥିତ ଚାଷୀମାନେ ପ୍ରଶ୍ନ କରିଥିଲେ। ଯୋଗାଣ ବିଭାଗ ଓ ଭାରତୀୟ ଖାଦ୍ୟ ନିଗମ ଅଧିକାରୀମାନେ ଗୃହ କମିଟିର ସଦସ୍ୟମାନଙ୍କ ଧାନ କିଣାକୁ ନେଇ କୌଣସି ଏକ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିବା ଦେଖାଯାଇଥିଲା। ବୈଠକରେ କମିଟି ଅଧ୍ୟକ୍ଷ ତଥା ବଲାଙ୍ଗୀର ବିଧାୟକ ମିଶ୍ରଙ୍କ ସହ ବିଧାୟକ ମହୀଧର ରଣା, ବିଧାୟକ ପ୍ରଦୀପ କୁମାର ଦିସାରି, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଜିଲାପାଳ ଚଞ୍ଚଳ ରଣା, ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରି, ଉପଜିଲାପାଳ ଲମ୍ବୋଦର ଧରୁଆ, ଜିଲା ଯୋଗାଣ ବିଭାଗ, ଏଆରସିଏସ୍, ଡିଆରସିଏସ୍, ଭାରତୀୟ ଖାଦ୍ୟ ନିଗମ, ବିଧାନସଭାରୁ ଆସିଥିବା ବିଭାଗୀୟ ଅଧିକାରୀ, ଆଗଲପୁର ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ଏବଂ ଅନେକ ଚାଷୀ ଉପସ୍ଥିତ ଥିଲେ। ବିଧାନ ସଭା ଷ୍ଟାଣ୍ଡିଂ କମିଟିର ଡୁଡୁକା ଗସ୍ତ ସମୟରେ ଏଆରସିଏସ ଅନନ୍ତ ନାୟକ, ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝି, ତହସିଲଦାର ସୁଚିତା ପୁଷ୍ପା, ବିଡିଓ ଶଙ୍କର କେରକେଟା, ବ୍ଲକ ଉପାଧ୍ୟକ୍ଷ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଦିନିଆ ବର୍ଷାରେ ଭିଜିଲା ଧାନ



ଦେଓଗାଁ,୨୨।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ସୋମବାର ଅପରାହ୍ନରେ ଅଦିନିଆ ବର୍ଷା ଚାଷୀଙ୍କୁ ଦାଉ ସାଧିଛି। ଅପରାହ୍ନ ପ୍ରାୟ ୧ଟା ୩୦ରୁ ୨ଟା ମଧ୍ୟରେ ହଠାତ୍ ବର୍ଷା ହେବାରୁ ବ୍ଲକ ଅଞ୍ଚଳରେ ଚାଷୀଙ୍କ ଅମଳ ଧାନ, ପନିପରିବା, ମକା ଆଦି ଫସଲ କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ଯେଉଁ ଚାଷୀମାନେ ପାଚିଲା ଧାନକୁ ଜମିରେ କାଟି ପକାଇଥିଲେ ସେମାନଙ୍କ ଧାନ ବର୍ଷାରେ ଭିଜି ଯାଇଛି। ଉପରନ୍ତୁ, ମକୁନ୍ଦପୁର ପଞ୍ଚାୟତ ଅଞ୍ଚଳରେ ଏକର ଏକର ମକାଚାଷ ତଳେ ପଡି ନଷ୍ଟ ହୋଇଯାଇଛି। କୁହିମୁଣ୍ଡାରେ ବ୍ୟାପକଭାବେ ପରିବା ଓ ମକା ଚାଷ କ୍ଷତିଗ୍ରସ୍ତ ହୋଇଥିବା ଶମ୍ଭୁଭୂଷଣ ସାହୁ, କ୍ଷୀରୋଦ୍ର ପଧାନ, ଗଜିନ୍ଦ୍ର ପଧାନ, ସୁନୀଲ ପଧାନ, ସୁଶାନ୍ତ ସାହୁ, ରୋହିତ ସାହୁ, ଅଶ୍ୱିନୀ ସାହୁ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏହାର ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

### ହେମାଳି ସଂଘ ଗଠିତ

ବେଲପଡା,୨୨।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଶିବମନ୍ଦିର ପ୍ରାଙ୍ଗଣରେ ସୋମବାର ନୂତନ ହେମାଳି ସଂଘ ଗଠନ କରାଯାଇଛି। ଆଲୋକ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବେଲପଡା ବ୍ଲକର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଶତାଧିକ ହେମାଳି ଯୋଗ ଦେଇଥିଲେ। କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ ହେମାଳି ସଂଘ ଗଠନ କରାଯାଇ ସର୍ବସମ୍ମତିକ୍ରମେ ହରିଶ ବୁଡେକ ସଭାପତି, ଆଲୋକ ବେହେରା ସମ୍ପାଦକ, ଗିରିଧାରୀ ପୁଟେଲ ଉପସଭାପତି ସାଦୁ ପୁଟେଲ ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷଭାବେ ମିନିକେତନ ବାହୁକଙ୍କୁ ମନୋନତୀ କରାଯାଇଥିଲା।

### ଅଦିନିଆ ବର୍ଷା ଦାଉ ସାଧିଲା

ଲୋଇସିଂହା,୨୨।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକ ଅଞ୍ଚରେ ସୋମବାର ମଧ୍ୟାହ୍ନରେ ପ୍ରାୟ ୧ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଥିଲା। ଏଥିଯୋଗୁ ଖେତରେ ଅମଳ ଅପେକ୍ଷାରେ ଥିବା ଧାନ ଓ ଖଳାରେ କଟା ହୋଇଥିବା ଫସଲ ଭିଜି ଯାଇଛି। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଧାନ ଅମଳ ଆଶା କରିଥିଲେ ଚାଷୀ। ହେଲେ ଏବେ ଅଦିନିଆ ବର୍ଷା ଚାଷୀଙ୍କୁ ଦାଉ ସାଧୁଛି। ସୋମବାର ସକାଳେ ପାଗ ଭଲ ଥିଲା। ଚାଷୀମାନେ ଧାନ କାଟିବାକୁ କ୍ଷେତକୁ ଯାଇଥିଲେ। ହେଲେ ମଧ୍ୟାହ୍ନ ୧୨ଟାରେ ମୂଷଳ ଧାରାରେ ବର୍ଷା ହୋଇଥିଲା। କ୍ଷେତରେ ପଡିଥିବା ଧାନପେଟା ପାଣିରେ ଭାସୁଛି। କିଛିଦିନ ତଳେ ହୋଇଥିବା ବର୍ଷାରେ ଚାଷୀଙ୍କ ପେଟା ନଷ୍ଟ ହୋଇଥିଲା। ଅବିଳମ୍ବେ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଯୋଗୀସର୍ଡାର ଚାଷୀ ଅନିରୁଦ୍ଧ ପଧାନ ଦାବି କରିଛନ୍ତି।

# ଦିବାରାତ୍ରି ଭଲିବଲ ଟୁର୍ଣ୍ଣାମେଣ୍ଟ: କେସିଙ୍ଗା ଚାମ୍ପିୟନ

**ଟିଟିଲାଗଡ଼,୨୧।୧୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ସରକାରୀ ବାଳକ ହାଇସ୍କୁଲ ପଡିଆରେ ଚାଲିଥିବା ଚତୁର୍ଥ ଦିବାରାତ୍ରି ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ସେମି ଫାଇନାଲରେ ବଲାଙ୍ଗୀର ବନାମ ନୁନମାଠ ଏବଂ କେସିଙ୍ଗା ଏବଂ ମହଗାଁ ଦଳ ମୁହାଁମୁହିଁ ହୋଇଥିଲେ। ପରେ ଅନୁଷ୍ଠିତ ଫାଇନାଲ ଖେଳ ବଲାଙ୍ଗର ଏବଂ କେସିଙ୍ଗା ମଧ୍ୟରେ ହୋଇଥିଲା। ଦୁଇ ସେଟ ଡ୍ର ପରେ ତୃତୀୟ ସେଟରେ କେସିଙ୍ଗା ଦଳ ବିଜୟ ସହ ଚାମ୍ପିୟନ ଘୋଷିତ ହୋଇଥିଲା।

ପୁରସ୍କାର ବିତରଣ ସମାରୋହରେ ଟିଟିଲାଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ସାମାଜିକ କର୍ମୀ ସଞ୍ଜୟ ବେହେରା, ଅଶୋକ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳଙ୍କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ବେଷ୍ଟ ଏଟେକର ପବିତ୍ର ମୁଣ୍ଡା, ବେଷ୍ଟ ଲିବ୍ରେ ବାବୁଲାଲ, ବେଷ୍ଟ ସେଟର ବିକାଶ ଦାଶଙ୍କୁ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାରେଫରି ଭାବରେ ନାସିର ଖାନ, ଅଞ୍ଜନ ବେହେରା, ଗୁପ୍ତେଶ୍ୱର ବାରିକ, ଯସବିର ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ଆଲୋକ ଦାଶ, ସୌମ୍ୟ ମହାନ୍ତି, ବିନୋଦ ସାହୁ, ଅମିତ ଏକ୍କା, ସୁଦାମ ବରିହା, ପିୟୁଷ ବରିହା, ହରିଶ ବେହେରା, ସୁମନ ସୁବୁଦ୍ଧି ପ୍ରମୁଖ ଭଲିବଲ କ୍ଲବ ସଦସ୍ୟ ଟୁର୍ଣ୍ଣାମେଣ୍ଟର ସଫଳ ସମାପନରେ ସହଯୋଗ କରିଥିଲେ। ଏଥିପୂର୍ବରୁ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ପ୍ରମୋଦ ପ୍ରଧାନ, ସାମାଜିକ କର୍ମୀ ସନତ ପାଢୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।


ବିଜୟୀ କେସିଙ୍ଗା ଦଳର ଖେଳାଳିମାନେ ମୁଖ୍ୟ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବିରେ ପଞ୍ଚାୟତବାସୀଙ୍କ ଧାରଣା

**ନୂଆପଡ଼ା ଅଫିସ,୨୨।୧୧**

ନୂଆପଡା ଜିଲା ଖଡିଆଳ ବ୍ଲକ ଖାସବାହାଲ ପଞ୍ଚାୟତ ସରପଞ୍ଚ ତାଙ୍କ ମୃତ ଶାଶୁଙ୍କ ନାମରେ ମିଥ୍ୟା ଆବାସ ଗୃହ ଦେଖାଇ ଟଙ୍କା ଆତ୍ମସାତ କରିଥିବା ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ଘଟଣାର ଉପଯୁକ୍ତ ତଦନ୍ତ କରାଗଲା ନାହିଁ କିମ୍ବା ସରପଞ୍ଚଙ୍କ ବିରୋଧରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ଏହାର ପ୍ରତିବାଦରେ ସୋମବାର ଖାସବାହାଲ ପଞ୍ଚାୟତବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଖାସବାହାଲ ପଞ୍ଚାୟତ ସରପଞ୍ଚ ପଦ୍ମନୀ ବାଗଙ୍କ ଶାଶୁ ପାର୍ବତୀ ହରିଜନଙ୍କ ୨୦୧୬ ମସିହାରେ ମୃତ୍ୟୁ ଘଟିଥିଲା। ମୃତଙ୍କ ନାମରେ ୨୦୧୦-୧୧ରେ ମଞ୍ଜୁର ହୋଇଥିବା ଆବାସ ଗୃହକୁ ସରପଞ୍ଚ ଚଞ୍ଚକତା କରି ୨୦୧୮-୧୯ ଆର୍ଥିକ ବର୍ଷରେ ପୁନଃ କାର୍ଯ୍ୟାଦେଶ କରାଇ ଟଙ୍କା ଆତ୍ମସାତ କରିଛନ୍ତି ବୋଲି ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନ୍ୟପଟେ ସରପଞ୍ଚ ପଦ୍ମନୀ ଓ ତାଙ୍କ ସ୍ୱାମୀ ପ୍ରେମଲାଲ ବାଗ କହିଛନ୍ତି ଯେ, ମା' ପାର୍ବତୀଙ୍କ ୨୦୧୬ ଜାନୁୟାରୀ ୧ରେ ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ତାଙ୍କ ନାମରେ ୨୦୧୦-୧୧ ଆର୍ଥିକ ବର୍ଷରେ ଆବାସ ଯୋଜନାରେ ଘର ମଞ୍ଜୁର ହୋଇଥିଲା। କିନ୍ତୁ କୌଣସି କାରଣ ବସତଃ କାମ ହୋଇ ପାରି ନ ଥିଲା। କିନ୍ତୁ ସରପଞ୍ଚ ହେବା ପରେ ସମୀକ୍ଷା ବୈଠକରେ ବିଡିଓ, ନୋଡାଲ ଅଧିକାରୀମାନେ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା କାରଣ ବିଷୟରେ ଅବଗତ ହେବା ସହ ଉତ୍ତରାଧିକାରୀ ପ୍ରମାଣ ପତ୍ର ଦେବା ପରେ ପ୍ରେମଲାଲ ବାଗ ନାମରେ କାର୍ଯ୍ୟାଦେଶ ଜାରି କରାଇଥିଲେ। କିନ୍ତୁ କିଛି ଖଳପ୍ରକୃତିର ଲୋକ ମୋ ଉପରେ ମିଥ୍ୟା ଅପପ୍ରଚାର ଚଳାଇଛନ୍ତି ବୋଲି କହିଥିଲେ।


ଖାସବାହାଲ ପଞ୍ଚାୟତବାସୀଙ୍କ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

**ମୃତ ବ୍ୟକ୍ତିଙ୍କ ନାଁରେ ଆବାସ ଟଙ୍କା ହଡ଼ପ ଘଟଣା**

# ବ୍ଲକ ଜିଓଟ୍ୟାଗ୍ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ

**କୋକସରା,୨୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଜିଓଟ୍ୟାଗ କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓ ମନୀଷା ଦାସଙ୍କ ଜରିଆରେ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। କର୍ମଚାରୀଙ୍କ ଅଭିଯୋଗ ଅନୁସାରେ ଆଜକୁ ୪ ବର୍ଷ ହେବ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗରେ କାର୍ଯ୍ୟ କରୁଛନ୍ତି। ବ୍ଲକ ଓ ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇନ୍ଦିରା ଆବାସ ଯୋଜନାରେ ହିତାଧିକାରୀଙ୍କଠାରୁ କାଗଜପତ୍ର ସଂଗ୍ରହ କରିବାଠୁ ଆରମ୍ଭ କରି ଅନଲାଇନ କରିବା ଓ ପର୍ଯ୍ୟାୟକ୍ରମେ ଜିଓଟ୍ୟାଗ କରିବା ସହ ସମସ୍ତ ପ୍ରକ୍ରିୟାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକଙ୍କୁ ସହଯୋଗ କରୁଛନ୍ତି। ବଦଳରେ ପ୍ରତି ଜିଓ ଟ୍ୟାଗ ପିଛା ୫୦ ଟଙ୍କା ପ୍ରାପ୍ତ ମିଳୁଛି। ଏଣୁ ମାସିକ ମାନଦେୟ ସହିତ କାର୍ଯ୍ୟ ଚିଠା ପ୍ରଦାନ, ପଞ୍ଚାୟତସ୍ତରରେ ଆକାଉଣ୍ଟ ଡାଟା ଅପରେଟର ପଦବୀରେ ନିଯୁକ୍ତି, ମୋବାଇଲ ଓ ଗସ୍ତ ଖର୍ଚ୍ଚ ପ୍ରଦାନ ଆଦି ପ୍ରମୁଖ ଦାବି କରିଛି ସଂଘ। ଓଡିଶା ଜିଓଟ୍ୟାଗ କର୍ମଚାରୀ ମହାସଂଘ ନିର୍ଦ୍ଦେଶକ୍ରମେ କୋକସରା ଜିଓଟ୍ୟାଗ ସଂଘ ସଭାପତି କ୍ଷୀରସିନ୍ଧୁ ବାଗଙ୍କ ନେତୃତ୍ୱରେ ସଂଘ ଉପସଭାପତି ବିକ୍ରମ ସାହୁ, ସମ୍ପାଦକ ହୃଷୀକେଶ ମେହେର, ତାପସ ରଞ୍ଜନ ବାଗ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ଦେଓଗାଁ ବ୍ଲକ: ପଞ୍ଚାୟତ ନିର୍ବାଚନ ପାଇଁ ବଢ଼ିଲା ରାଜନୈତିକ ଗତିବିଧି

**ଦେଓଗାଁ,୨୨।୧୧(ଡି.ଏନ.ଏ)**

ବଲାଙ୍ଗୀର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦେଓଗାଁ ବ୍ଲକରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜନୈତିକ ଗତିବିଧି ସରଗରମ ହେବାରେ ଲାଗିଛି। ୧୨ ଓ ୧୩ନଂ ଜିଲା ପରଷଦ ଜୋନ ସହ ଦେଓଗାଁ ପଞ୍ଚାୟତ ସମିତି ଦଖଲ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ମଙ୍ଗଳବାର ବିଜେଡି ପକ୍ଷରୁ ସାଲେପାଲିରେ ବ୍ଲକସ୍ତରୀୟ କର୍ମୀ ସମାବେଶ କାର୍ଯ୍ୟକ୍ରମ ରହିଛି। ସେହିପରି କଂଗ୍ରେସ ପକ୍ଷରୁ ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାମରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି ନେଇ ବ୍ଲକ ଘେରାଉ କାର୍ଯ୍ୟକ୍ରମ ରହିଥିବା ଦଳର ବ୍ଲକ ସଭାପତି ରାମଜୀ ଚୌଧୁରୀ ସୂଚନା ଦେଇଛନ୍ତି। ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ ଓ ବ୍ଲକ କଂଗ୍ରେସ ସଭାପତି ଚୌଧୁରୀଙ୍କ କହିବାନୁସାରେ ପଞ୍ଚାୟତ ନିର୍ବାଚନରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କଲେ ଦଳର ବିଜୟ ସୁନିଶ୍ଚିତ। ବ୍ଲକ ବିଜେଡି ସଭାପତି ସୁଶୀଲ କୁମାର ଚାନ୍ଦ କହିଛନ୍ତି, ଚଳିତ ଥର ମଧ୍ୟ ଉଭୟ ୧୨ ଓ ୧୩ନଂ ଜିଲା ପରିଷଦ ଜୋନକୁ ଦଳ ଦଖଲ କରିବ। ଏଥିପାଇଁ ଦଳୀୟ ନେତା ଓ କର୍ମୀ ନିଷ୍ଠାପରଭାବେ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମ ଏଠାରେ ଦଳର ବିଜୟର ମୂଳ ପୁଞ୍ଜି ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ମେହେର କହିଛନ୍ତି।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ସିନାପାଲି,୨୨।୧୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ମଖାପଦର ପଞ୍ଚାୟତ ଅନ୍ତର୍ଗତ ସିତଲିଖଲିଆ ଗ୍ରାମର ବ୍ୟକ୍ତିଙ୍କୁ ଭାଲୁ ଆକ୍ରମଣ କରିଛି। ତାଙ୍କ ନାମ ସଦାଶିବ ଖର୍ସେଲ। ସଦାଶିବ ଜାଳେଣି କାଠ ସଂଗ୍ରହ କରିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବାବେଳେ ଏକ ଭାଲୁ ତାଙ୍କୁ ଆତର୍କିତ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ସଦାଶିବ ଗୁରୁତର ଆହତ ହୋଇଛନ୍ତି। ଆହତ ଅବସ୍ଥାରେ ଗ୍ରାମବାସୀ ଓ ବନ କର୍ମଚାରୀ ଉଦ୍ଧାର କରି ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଆହତ ସଦାଶିବଙ୍କୁ ଚିକିତ୍ସା ସହ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀଙ୍କ ଦାବି କରିଛନ୍ତି।

## ଘୁମୁରା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ

**କୋକସରା,୨୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡହଗାଁ ପଞ୍ଚାୟତ ସର୍ଗିଗୁଡାଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରବିବାର ଘୁମୁରା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ବିଧାୟକ ମୌଷଧି ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ତ୍ତିକ ପୂର୍ଣ୍ଣିମା ପରେ ଆୟୋଜିତ ଘୁମୁରା ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସାରସମାଲ ଦଳ ପ୍ରଥମ, ପଦ୍ମପୁର ଦଳ ଦ୍ୱିତୀୟ ଓ ଛିଲିପା ଘୁମୁରା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ପୂଜା କମିଟି ସରପଞ୍ଚ ପ୍ରତିନିଧି ଗୁମାନ ସିଂ ରାଜପୁତ, ଲଳିତ ମିଶ୍ର, ଯୁବରାଜ ନାଏକ, ତରୁଣ ସିଂ ରାଜପୁତ, ସୁଜିତ ସିଂ ରାଜପୁତ, ଗୋପାଳ ଛାତ୍ରିଆ, ଅଲେଖ ଛାତ୍ରିଆ, ମନିରାମ ପଟେଲ, ଜୟନ୍ତ ପଟେଲ ପ୍ରମୁଖ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**କୋକସରା,୨୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଝରିଆଗୁଡା ଗାଁର ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ରାଉତ (୭୪)ଙ୍କ ସୋମବାର ପରଲୋକ ହୋଇଯାଇଛି। ଶିକ୍ଷକତା କରି ସେ ନିଜ ଅଞ୍ଚଳରେ ଏକ ସରଳ ଓ ନିଷ୍ଠାପର ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ଶବଧାରରେ ଅନେକ ବ୍ୟକ୍ତି ବିଶେଷ ଯୋଗଦେଇ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ। ତାଙ୍କ ମଝିଆ ପୁଅ ବିଜୟ ରାଉତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଝରିଆଗୁଡା ଓ କୋକସରା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଅଙ୍ଗନୱାଡି କର୍ମୀଙ୍କ ବିଡିଓଙ୍କୁ ଦାବିପତ୍ର

**କର୍ଲାମୁଣ୍ଡା,୨୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏଶନ କର୍ଲାମୁଣ୍ଡା ଶାଖା ପକ୍ଷରୁ ସୋମବାର ବିଭିନ୍ନ ଦାବି ନେଇ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାନେତ୍ରୀ ସଲମୀ ନାଗ, ସମ୍ପାଦିକା ସୁଲକ୍ଷଣି ସାହୁଙ୍କ ନେତୃତ୍ୱରେ ଅଙ୍ଗନୱାଡି କର୍ମୀମାନେ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡିକ ମଧ୍ୟରେ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ଘୋଷଣା କରିବା ସହିତ ଚାକିରୀ ସର୍ତ୍ତାବଳି ଲାଗୁ କରାଯିବା। ଅଙ୍ଗନୱାଡି କର୍ମୀ/ମିନି ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ଇପିଏଫ ଓ ଇସିଆଇ, ପେନସନ ବ୍ୟବସ୍ଥା କରିବା, ମିନି ଅଙ୍ଗନୱାଡିଙ୍କୁ ଅଙ୍ଗନୱାଡି କର୍ମୀ ମାନ୍ୟତା ପ୍ରଦାନ। ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ପ୍ରାଥମିକ ବିଦ୍ୟାଳୟ ମାନ୍ୟତା ଆଦି ପ୍ରମୁଖ ଦାବି ରହିଛି।


ଅଙ୍ଗନୱାଡି କର୍ମୀମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ୨ ଡାକ୍ତରଙ୍କୁ ବଦଳି ଦାବିରେ ତାତିଲେ ଆଶାକର୍ମୀ

**ଭବାନୀପାଟଣା,୨୨।୧୧(ସ୍ୱ.ପ୍ର.)**

ଆଶା କର୍ମୀଙ୍କୁ ଦୁର୍ବ୍ୟବହାର, ମାଡ଼ ମାରିବା ଘଟଣା

■ଜିଲାପାଳ ଅଫିସ ଘେରାଉ, ପ୍ରତିଶ୍ରୁତି ପରେ ଧାରଣାରୁ ହଟିଲେ

କଳାହାଣ୍ଡି ଜିଲା ଥୁ. ରାମପୁର ବ୍ଲକ ଅନ୍ତର୍ଗତ ବଣ୍ଡାବାଗ ଗ୍ରାମର ଆଶା କର୍ମୀ ସଙ୍ଗୀତା ନାଏକଙ୍କୁ ଗତ କିଛିଦିନ ତଳେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଡାକ୍ତର ହେମାଙ୍ଗିନୀ ମେହେର ବିନା କାରଣରେ ଦୁର୍ବ୍ୟବହାର କରିବା ସହ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଜିଲା ଆଶା କର୍ମୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରି ସେତେବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଜିଲାପାଳଙ୍କୁ ମଧ୍ୟ ଘଟଣା ବିଷୟରେ ଆଶା କର୍ମୀମାନେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଏହି ଘଟଣାରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସୋମବାର ଜିଲାର ଆଶାକର୍ମୀମାନେ ଏକ୍ରିତିତ ହୋଇ ଜିଲାପାଳ ଅଫିସ ଘେରାଉ କରିଛନ୍ତି। ଏହି ସମୟରେ ମାଡ ମାରିଥିବା ଡାକ୍ତର ମେହେର ଓ ଦୁର୍ବ୍ୟବହାର ଦେଖାଉଥିବା ଡାକ୍ତର ଅଶୋକଙ୍କ ବିରୋଧରେ ନାରାବାଜି ଦେବା ସହ ବଦଳି ଦାବିରେ ଧାରଣା ଦିଆଯାଇଥିଲା। ସନ୍ଧ୍ୟାରେ ଘଟଣାସ୍ଥଳକୁ ଅତିରିକ୍ତ ଜିଲାପାଳ ଆସି ୭ ଦିନ ଭିତରେ ଏହି ଘଟଣାର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆଶାକର୍ମୀମାନେ ଧାରଣାରୁ ହଟିଥିଲେ। ଆରମ୍ଭରେ ସେମାନେ ଭବାନୀପାଟଣାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା କରିଥିଲେ। ଏହି ଧାରଣାରେ ବିଜୁ ଆଶା କର୍ମୀ ସାମୁଖ୍ୟ ପଶ୍ଚିମ ଓଡିଶାର ସଭାନେତ୍ରୀ ପଙ୍କଜିନୀ ନାୟକ, ଜିଲା ସଭାନେତ୍ରୀ ଶାନ୍ତି ମାଝୀ,ସମ୍ପାଦିକା ରାଜେଶ୍ୱରୀ ସେଠି,କୋଷାଧ୍ୟକ୍ଷ ରାଜେଶ୍ୱରୀ ନାଏକ, ସୁବାଷିନୀ ଦୁର୍ଗା, ଅନିମା ନାଏକ, ଦିପ୍ତି ରାଉତ ପ୍ରମୁଖ ସାମିଲ ଥିଲେ।


ଜିଲାପାଳଙ୍କ ଅଫିସ ଆଗରେ ଆଶା କର୍ମୀଙ୍କ ଧାରଣା।

## ସଂକ୍ଷେପରେ

### ବିଜେଡିର ବିକ୍ଷୋଭ ବେଳେ ଗୋଷ୍ଠୀ ସଂଘର୍ଷ: ଜଣେ ଗୁରୁତର

**ଆଠଗଡ, ୨୨।୧୧(ସ୍ୱ.ପ୍ର.):** ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟବୃଦ୍ଧି ପ୍ରତିବାଦରେ କଟକ ଜିଲା ଆଠଗଡ଼ ବିଜେଡି ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯାଇଥିଲା। ଏହି ସମୟରେ ବିଜେଡିର ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ପଙ୍କଜ ଖଟୁଆ, ନରେଶ ସାମଲ, ରଞ୍ଜନ ଖଟୁଆ ଓ ଅକ୍ଷୟ ଗୋଛି। ସେଥିମଧ୍ୟରୁ ପଙ୍କଜଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବିଜେଡି ପକ୍ଷରୁ ଆଠଗଡ଼ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଏହି ସମୟରେ ସଠିଲୋ ପଞ୍ଚାୟତର ୨ ଗୋଷ୍ଠୀ ନିଜର ପତିଆରା ଜାହିର କରିବା ପାଇଁ ପ୍ରତିଯୋଗିତା ଆରମ୍ଭ କରିଦେଇଥିଲେ। ଏନେଇ ପ୍ରଥମେ ବଚସା ଓ ପରେ ୨ ଗୋଷ୍ଠୀ ହାତାହାତି ହୋଇଥିଲେ।

### ଡିଭାଇଡରରେ ପିଟି ହୋଇ ଯୁବକ ମୃତ

**ପିପିଲି,୨୨।୧୧(ସ୍ୱ.ପ୍ର.):** ପିପିଲି ଥାନା ମଙ୍ଗଳପୁର ଛକ ନିକଟରେ ଥିବା ଏକ ଡିଭାଇଡରରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଞ୍ଚଳର ଲିପୁନ ସାମଲ। ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ପିପିଲି ଆଇଆଇସି ଅଭିମନ୍ୟୁ ନାୟକ ସୂଚନା ଦେଇଛନ୍ତି। ଲିପୁନ ଜଣେ ସାଙ୍ଗଙ୍କ ଜନ୍ମଦିନ ପାଳନ ପାଇଁ ଆକ୍ଟିଭା (ଓଡି ୩୩ଭି ୧୦୬୩)ରେ ଅନ୍ୟ ଜଣେ ସାଙ୍ଗଙ୍କ ସହ ପୁରୀ ଯାଇ ଫେରିବାବେଳେ ପିପିଲି ମଙ୍ଗଳପୁର ଛକ ନିକଟରେ ଭାରସାମ୍ୟ ହରାଇ ରାଜପଥ କଡ଼ରେ ଥିବା ଡିଭାଇଡରରେ ପିଟି ହୋଇଯାଇଥିଲେ। ଗୁରୁତର ଉଭୟଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ସେଠାରେ ଡାକ୍ତର ଲିପୁନଙ୍କ ମୃତ ଘୋଷଣା କରିଥିଲେ।

### ଭୁଶୁଡ଼ିଲା ଘର, ବର୍ତ୍ତିଲେ ମହିଳା

**ଛତ୍ରପୁର,୨୨।୧୧(ଡି.ଏନ୍.ଏ.):** ଛତ୍ରପୁର ଏନ୍‌ଏସି ୧୧ନଂ. ୱାର୍ଡର ଉର୍ମିଳା ସେନାପତିଙ୍କ ପୁରୁଣା ଆଜବେଷ୍ଟସ୍ ଘରଟି କୌଣସି କାରଣରୁ ଭୁଶୁଡି ପଡ଼ିଥିଲା। ସେ ସମୟରେ ଉର୍ମିଳା ଘରେ ନ ଥିବାରୁ ବର୍ତ୍ତି ଯାଇଥିଲେ ମଧ୍ୟ ସମସ୍ତ ଆସବାପତ୍ର ନଷ୍ଟ ହୋଇଯାଇଛି। ଏନଏସିର ପୂର୍ବତନ କାଉନସିଲର ତଥା ଏନଏସି ଯୁବ ବିଜେଡି ସଭାପତି ଟି.ଚନ୍ଦ୍ର ଶେଖର ରାଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏନ୍, ଗଣେଶ ବାବୁ ଓ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିଲେ। ଉର୍ମିଳା ଜଣେ ବିଧବା ମହିଳା ଏବଂ ଆର୍ଥିକ ସମ୍ବଳ ଅବସ୍ଥା ଭଲ ନଥିବାରୁ ତାଙ୍କୁ ଆବାସ ଯୋଜନାରେ ସାମିଲ କରି ସରକାରୀ ସୁବିଧା ପ୍ରଦାନ ପାଇଁ ପୂର୍ବତନ କାଉନସିଲର ରାଓ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏ ନେଇ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଇବା ସହ ସହାୟତା ଯୋଗାଇବେ ବୋଲି ଏନଏସି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

# କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ ଅମୁନି

## ବିଜୟନଗରମ୍ ଜିଲାପାଳଙ୍କୁ ରୋକିବାରେ ଓଡ଼ିଶା ବିଫଳ

**ପଟ୍ଟାଙ୍ଗୀ,୨୨।୧୧(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ରାଜ୍ୟ ସୀମାକୁ ଲାଗି ରହିଥିବା କୋଟିଆ ପଞ୍ଚାୟତକୁ ନେଇ ଆନ୍ଧ୍ର ବିଭିନ୍ନ ସମୟରେ ବିଭିନ୍ନ ଆଳ ଦେଖାଇ ପଞ୍ଚାୟତରେ ଅନୁପ୍ରବେଶ କରୁଛି। ନିଜ ସରକାରୀ ଯୋଜନାର ପ୍ରଲୋଭନ ଦେଖାଇ ଲୋକଙ୍କୁ ହାତରେ ରଖିବାକୁ ଉଦ୍ୟମ ଚଳାଇଛି। ବର୍ତ୍ତମାନ ବିଜୟନଗରମ୍ ଜିଲାପାଳ ଏ. ସୁରିୟା କୁମାରୀ ନିଜ ସହକର୍ମୀ ତଥା ବିଭିନ୍ନ ଆଇଏଏସ୍ ଅଧିକାରୀ ଓ ପୋଲିସ ସୁରକ୍ଷା ନେଇ କୋଟିଆ ପଞ୍ଚାୟତର ଦେଓମାଳି ଓ ନୂଆଗାଁ ପଞ୍ଚାୟତର ଗାଲିଗାବଡ଼ାର ଗ୍ରାମ ନିକଟସ୍ଥ ରାଥିବାଲି ଜଳପ୍ରପାତ ପର୍ଯ୍ୟଟନ ସ୍ଥଳୀକୁ ରବିବାର ଗସ୍ତରେ ଆସି ସେଠାରେ ଭୋଜିଭାତ କରି ଅନୁପ୍ରବେଶ କରିବାକୁ ପଛାଇନାହାନ୍ତି। ତାଙ୍କୁ ଅଟକାଇପାରିନାହିଁ ଓଡ଼ିଶା ପ୍ରଶାସନ।

ଅନ୍ୟପକ୍ଷରେ କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମଗୁଡ଼ିକରେ ଆନ୍ଧ୍ରର ବିଭିନ୍ନ ବିଭାଗର ପଦାଧିକାରୀଙ୍କଠାରୁ ଆରମ୍ଭକରି ସରକାରୀ କର୍ମଚାରୀ ଓ ରାଜନୈତିକ ଦଳଗୁଡ଼ିକ ଗତ କିଛି ମାସ ଧରି ଉକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପହଞ୍ଚି ଲୋକଙ୍କୁ ବୈଠକ ମାଧ୍ୟମରେ ଲୋଭ ଦେଖାଉଥିବା ପରି ଘଟଣା ଓଡ଼ିଶା ସରକାର ତଥା କୋରାପୁଟ ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା ଏହାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲା ପ୍ରଶାସନ ଆନ୍ଧ୍ରରୁ କୋଟିଆ ପଞ୍ଚାୟତକୁ ପ୍ରବେଶ କରିବା ଲାଗି ରହିଥିବା ସୀମାନ୍ତ ସ୍ଥାନ ମାଡକାର ଏବଂ ଉପରସେମ୍ଳି ଗ୍ରାମ ନିକଟରେ ସୁରକ୍ଷା ବ୍ୟବସ୍ଥାକୁ ଦୀର୍ଘ ୧୫ ଦିନ ଧରି କଡ଼ାକଡ଼ି କରିଛି। ଏହା ସତ୍ତ୍ୱେ ଆନ୍ଧ୍ରର ପାର୍ବତୀପୁରମ ପିଓ ଆଇଟିଡିଏ ଆର୍. କୋର୍ମନାଥଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀ କୋଟିଆରେ ଅନୁପ୍ରବେଶକରି ନିଜ ରାଜ୍ୟର ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୈଠକ କରି ଲୋଭ ଦେଖାଇଥିଲେ। ଆନ୍ଧ୍ରର ସାଲୁର ବିଧାୟକ ପିଡିକା ରାଜନା ଦୋରା ନିଜ ରାଜ୍ୟର ପ୍ରଶାସନିକ ଅଧିକାରୀଙ୍କୁ ନେଇ ତାଡ଼ିବାଲସା ଗ୍ରାମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅକ୍ଟୋବର ୨ରେ ସେଠାରେ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳର ଭିତ୍ତିପ୍ରସ୍ତର ସ୍ଥାପନ କରି ଫେରିଥିଲେ। ଏହାର ପ୍ରଭାବ କୋରାପୁଟ ଜିଲା ପ୍ରଶାସନ କ୍ଷେତ୍ରରେ କୌଣସି ପଡ଼ି ନ ଥିଲା। ଆନ୍ଧ୍ର ପଦାଧିକାରୀ ଅନୁପ୍ରବେଶ କରି ଫେରିଯିବା ପରେ କୋରାପୁଟ ଜିଲାପାଳଙ୍କ ନିର୍ଦ୍ଦେଶରେ କୋଟିଆ ପଞ୍ଚାୟତ ଲାଗି ନିଯୁକ୍ତି ହୋଇଥିବା ନୋଡାଲ ଅଧିକାରୀ ତଥା ଉପଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ କୋଟିଆ ଗସ୍ତକରି ଆନ୍ଧ୍ର ବୈଠକ କରିଥିବା ଗ୍ରାମଗୁଡ଼ିକରେ ପହଞ୍ଚି ଲୋକଙ୍କ ସହ ଆଲୋଚନା ରିପୋର୍ଟ ପ୍ରସ୍ତୁତ କରି ନିଜ ଦାୟିତ୍ୱ ତୁଲାଇ ନୀରବ ରହିଥିଲେ। ଏ ସମ୍ପର୍କରେ କୋରାପୁଟ ଜିଲାପାଳ ଅବଦାଲ ଏମ୍. ଅଖତରଙ୍କୁ ପଚାରିବାରୁ ସେ କହିଲେ, ଆନ୍ଧ୍ରର ଏପରି ଅନୁପ୍ରବେଶକୁ ଆଉ ବରଦାସ୍ତ କରାଯିବ ନାହିଁ। ଆନ୍ଧ୍ର ପକ୍ଷରୁ କୋଟିଆ ପଞ୍ଚାୟତରେ ଜାରି ରହିଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରାଯିବ ବୋଲି ଜିଲାପାଳ କହିଥିଲେ। ଅଥଚ ବିଜୟନଗରମ୍ ଜିଲାପାଳଙ୍କ ଗସ୍ତ ସମ୍ପୂର୍ଣ୍ଣବେସରକାରୀ ଥିଲା। କୋଟିଆ ସହ ଏହାର କୌଣସି ସମ୍ପର୍କ ନାହିଁ ବୋଲି କୋରାପୁଟ ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ କୋଟିଆକୁ ନେଇ ଓଡ଼ିଶା–ଆନ୍ଧ୍ର ମଧ୍ୟରେ ପରିସ୍ଥିତି ଠିକ୍ ନ ଥିବାବେଳେ ଉକ୍ତ ପଞ୍ଚାୟତର ଲୋକେ ଯେପରି ଆନ୍ଧ୍ରମୁହାଁ ନ ହେବେ ସେଥିପାଇଁ କୋରାପୁଟ ଜିଲା ପ୍ରଶାସନ ଆସନ୍ତା ୧ ତାରିଖରେ ଲୋକ ମହୋତ୍ସବ ପରବ କୋଟିଆ ପଞ୍ଚାୟତର ଜଗନ୍ନାଥ ମନ୍ଦିରରୁ ଶୁଭାରମ୍ଭ କରିବାକୁ ନିଷ୍ପତ୍ତି ନେଇଛି।

# ପେସା କନଷ୍ଟେବଲ, ନିଶା ଶିକ୍ଷକତା



ଦେବେନ୍ଦ୍ର ପିଲାମାନଙ୍କୁ ପାଠ ପଢାଉଛନ୍ତି।

- ଗରିବ ପିଲାଙ୍କୁ ନିଜ ଖର୍ଚ୍ଚରେ ପଢାଉଛନ୍ତି କନଷ୍ଟେବଲ ଦେବେନ୍ଦ୍ର
- ଉପକୃତ ହେଉଛନ୍ତି ପ୍ରାୟ ୭୦ ପିଲା

**ନବରଙ୍ଗପୁର,୨୨।୧୧(ବି.ପ୍ର.)**

ସେ ଅବକାରୀ ବିଭାଗର ଜଣେ କନଷ୍ଟେବଲ। କିନ୍ତୁ ବ୍ୟସ୍ତବହୁଳ ଜୀବନରୁ ସମୟ ବାହାର କରି ନିଜ ଅଞ୍ଚଳର ଗରିବ ପିଲାଙ୍କୁ ପାଠ ପଢ଼ାନ୍ତି। ଟଙ୍କା ପାଇଁ ପିଲାଙ୍କ ପାଠ ପଢା ଯେପରି ବନ୍ଦ ନ ହୋଇଯାଉ ସେଥିପାଇଁ ସାମାନ୍ୟ ଉଦ୍ୟମ କରୁଛି ବୋଲି ନବରଙ୍ଗପୁର ଜଲା କୋଷାଗୁମୁଡା ବ୍ଲକ କର୍ଚାମାଳ ଗ୍ରାମର ଦେବେନ୍ଦ୍ର ସମରଥ କହିଛନ୍ତି। ଦୀର୍ଘ ୩ବର୍ଷ ହେବ ଏହି କାର୍ଯ୍ୟ ସେ କରିଆସୁଛନ୍ତି।

ଦେବେନ୍ଦ୍ରଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଓ ସିଟି। ନବରଙ୍ଗପୁର ଜିଲା କୋଡୀଙ୍ଗା ଅବକାରୀ ବିଭାଗ ଅଧୀନରେ ସେ କନେଷ୍ଟବଲ ଭାବେ କାର୍ଯ୍ୟ କରନ୍ତି। ସେ ପେଶାରେ ଜଣେ ଅବକାରୀ ବିଭାଗର କର୍ମଚାରୀ ହୋଇଥିଲେ ମଧ୍ୟ ପିଲା ଦିନରୁ ଶିକ୍ଷକତା ପ୍ରତି ରହିଥିଲା ତାଙ୍କର ରୁଚି। ତେଣୁ, ପ୍ରତିଦିନ ନିଜର କର୍ମକ୍ଷେତ୍ରରେ କାର୍ଯ୍ୟ କରି ରାତିରେ ଘରକୁ ଫେରିଲାପରେ ଓ ଛୁଟି ଦିନ ମାନଙ୍କରେ ନିଜକୁ ପ୍ରସ୍ତୁତ କରି ପିଲାଙ୍କୁ ମାଗଣା ଶିକ୍ଷାଦାନ ଦେଉଛନ୍ତି। ଖାଲି ସେତିକି ନୁହେଁ ନିଜର ଅଳ୍ପ ଦରମା ହୋଇଥିଲେ ମଧ୍ୟ ସେଥିରୁ ୧୦ ପ୍ରତିଶତ ଟଙ୍କା ଗରିବ ପିଲାଙ୍କ ଶିକ୍ଷା ଉପକରଣ କିଣିବା ସହ ଅନ୍ୟ ଖର୍ଚ୍ଚ କରୁଛନ୍ତି। ଗୋଟିଏ ଫଳ ଦୋକାନରୁ ଆମ ପରିବାର ଚଳୁଥିଲା। ଅର୍ଥ ଅଭାବରୁ ପାଠ ନ ପଢିପାରିବା କଷ୍ଟ ଅଙ୍ଗେ ନିଭେଇଛି। ତେଣୁ ନିଜ ଅଞ୍ଚଳର ଗରୀବ ପିଲାଙ୍କୁ ଭଲ ଶିକ୍ଷା ଦେବାକୁ ସେମାନଙ୍କୁ ପଢାଉଛି ବୋଲି ସେ କହିଛନ୍ତି। ଏହି କାମରେ ଗାଁର ବିଏ ବିଇଡ଼ି ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରେମଚାନ୍ଦ ଭତରା ତାଙ୍କୁ ସହଯୋଗ କରୁଛନ୍ତି। ଶିକ୍ଷାଦାନ ପାଇଁ ଘର ଖଣ୍ଡିଏ ନଥିବାରୁ ସେହି ଗ୍ରାମର ସୀତାରାମ ପୂଜାରୀଙ୍କ ଅର୍ଦ୍ଧ ନିର୍ମିତ ଘରେ ପାଠ ପଢାଯାଉଛି। ଗରୀବ ମେଧାବୀ ଛାତ୍ରୀଛାତ୍ର ଅର୍ଥ ଅଭାବରୁ ଯେପରି ଶିକ୍ଷାରୁ ବଞ୍ଚିତ ନହୁଅନ୍ତି ସେଥିପ୍ରତି ବିଶେଷ ଧ୍ୟାନ ଦେଉଥିବା ଦେବେନ୍ଦ୍ର କହିଛନ୍ତି। ଦେବେନ୍ଦ୍ରଙ୍କ ଏପରି ପ୍ରୟାସକୁ ଗ୍ରାମବାସୀ ପ୍ରଶଂସା କରିବା ସହ ଆମ ପିଲାଙ୍କ ଉପରେ ଦେବେନ୍ଦ୍ରଙ୍କ ଆଶୀର୍ବାଦ ସର୍ବଦା ରହିଆଉ ବୋଲି ସେମାନେ କହିଛନ୍ତି। ଦେବେନ୍ଦ୍ରଙ୍କ ଏଭଳି ଉଦ୍ୟମକୁ ନେଇ ମୁଁ ଗର୍ବିତ ବୋଲି ବାପା ଗୋବିନ୍ଦ କହିଛନ୍ତି।



ଭାରତୀୟ ନୌସେନା ତାଲିମ କେନ୍ଦ୍ର ପରିସର ଚିଲିକାରେ ଅନୁଷ୍ଠିତ ଏନ୍‌ସିସି କ୍ୟାଡେଟଙ୍କ ନୌକା ପ୍ରତିଯୋଗିତା।

# ସର୍ବଭାରତୀୟ ନୌକା ପ୍ରତିଯୋଗିତା: ଓଡ଼ିଶା ଚାମ୍ପିୟନ

**ବାଲୁଗାଁ,୨୨।୧୧(ଡି.ଏନ୍.ଏ.)**

ଭାରତୀୟ ନୌସେନା ତାଲିମ କେନ୍ଦ୍ର ଚିଲିକା ଶାଖାରେ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ସର୍ବଭାରତୀୟ ନୌକା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗତ ୧୭ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ ଏଥିରେ ସର୍ବଭାରତୀୟ ସ୍ତରରେ ଏନ୍‌ସିସିର ୧୭ଟି ନିର୍ଦ୍ଦେଶାଳୟ ଭାଗ ନେଇଥିଲେ। ୧୦୧ଜଣ କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ସୋମବାର ଅନୁଷ୍ଠିତ ଫାଇନାଲ ଦିବସର ଅନ୍ତିମ ପର୍ଯ୍ୟାୟରେ ଓଡ଼ିଶା ଏନ୍‌ସିସି କ୍ୟାଡେଟ୍ ଦଳ ଚାମ୍ପିୟନ ହୋଇଛି। କ୍ୟାଡେଟ କାହ୍ନୁ ଚରଣ ଗୌଡ଼, ଦୀପକ କୁମାର ସାହୁ, ତନୟା ମାଝୀ, ଶୁଭଶ୍ରୀ ପ୍ରଧାନ, ସୁସ୍ମିତା ପାୟଲ ସେଠୀ ଏବଂ ସନ୍ଦୀପ କୁମାର ବେହେରାଙ୍କ ପରିଶ୍ରମରେ ଓଡ଼ିଶା ଏହି ସଫଳତା ହାସଲ କରିଛି। ଏଥିସହ ପଞ୍ଜାବ କ୍ୟାଡେଟ୍ ଟିମ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ କର୍ଣ୍ଣାଟକ ତୃତୀୟ ସ୍ଥାନ ହାସଲ କରିଛି। ତାଲିମ କେନ୍ଦ୍ର ପରିସର ଅପସରା ଭବନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏନ୍‌ସିସି ନିର୍ଦ୍ଦେଶକ ବ୍ରିଗେଡିୟର ଅଜୟ କୁମାର ମହାଜନ ଏବଂ ଓଡ଼ିଶା ଉପ–ନିର୍ଦ୍ଦେଶକ କମୋଡ଼ର ସୋମେନ ବାନାର୍ଜୀ ଯୋଗଦେଇ ବିଜୟୀ ଟିମକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଆଇଏନ୍‌ଏସ ଚିଲିକା କମୋଡ଼ର ଏନ୍‌ପି.ପ୍ରଦୀପ କୁମାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଏନ୍‌ସିସି ଭବାନୀପାଟଣାର କମାଣ୍ଡିଂ ଅଫିସର ଭି.ରବି ଯଦୁ ଏବଂ ସମ୍ବଲପୁର କଲୋନେଲ ଅମିତାଭ ରୟ ଏହି ଶିବିର ପରିଚାଳନା କରିଥିଲେ। ତେବେ ବିଜୟ ଓଡ଼ିଶା ଟିମ୍‌ର କ୍ୟାଡେଟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିବା ବାଣପୁର ଅଞ୍ଚଳର ପ୍ରଶିକ୍ଷକ ରଞ୍ଜିତ ରାଉତରାୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଆକ୍ରମଣ ଅଭିଯୋଗ, ଅଭିଯୁକ୍ତଙ୍କୁ ବର୍ଷେ କାରାଦଣ୍ଡ

**ପୁରୁଷୋତ୍ତମପୁର,୨୨।୧୧(ଡି.ଏନ.ଏ.)**

ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାରପତି ଦିଲ୍ଲୀପ କୁମାର ବାରିକ ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଣେ ଅଭିଯୁକ୍ତଙ୍କୁ ସୋମବାର ଏକବର୍ଷ ଛଅମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ପୁରୁଷୋତ୍ତମପୁର ଥାନା ପାଣ୍ଡରଖଲ୍ଲି ଗ୍ରାମର ସୁଶାନ୍ତ ପାଢ଼ୀ। ୨୦୨୧ ଜାନୁୟାରୀ ୧୩ରେ ପାଣ୍ଡରଖଲ୍ଲି ଗ୍ରାମରେ ସୁବାସ ବାଡତ୍ୟା ଓ ମଦନ ବାଡତ୍ୟା ଦୁଇଭାଇଙ୍କୁ ଅଭିଯୁକ୍ତ ଲୁହା ଛଡରେ ଆକ୍ରମଣ କରିଥିଲେ। ଏ ନେଇ ପୁରୁଷୋତ୍ତମପୁର ଥାନାରେ ନଂ ୬/୨୧ରେ ହୋଇଥିବା ମାମଲାକୁ ନେଇ କୋର୍ଟରେ ବିଚାରଣା ଚାଲିଥିବା ବେଳେ ଉକ୍ତ ମାମଲାର ଶୁଣାଣି କରି ବିଚାରପତି ଅଭିଯୁକ୍ତଙ୍କୁ ୧ବର୍ଷ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ଆହୁରି ୨ ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇ ରାୟ ଶୁଣାଇଛନ୍ତି।

## ପ୍ରଥମ ପୃଷ୍ଠାରୁ

### 'ହାତ ପାଆନ୍ତାରେ...

୨୯.୪୬ କୋଟି ଟଙ୍କାର ବିଭିନ୍ନ ସେତୁ,୧୫ କୋଟି ଟଙ୍କାର ବିଭିନ୍ନ ଛାତ୍ରୀ ନିବାସ ସହିତ ଅନ୍ୟାନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ପଞ୍ଚାୟତିରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟବାସୀଙ୍କ ପାଇଁ ସଞ୍ଜୀବନୀ ଭଳି କାର୍ଯ୍ୟ କରିବ ବୋଲି କହିଥିବା ବେଳେ କନ୍ଧମାଳ ଏମ୍‌ପି ଡ.ଅଚ୍ୟୁତ ସାମନ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲାରେ ହାତକୁ ନିଆଯାଇଥିବା ଉଲ୍ଲେଖନୀୟ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ।

ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟମନ୍ତ୍ରୀ କନ୍ଧମାଳ ଜିଲା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବାରୁ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଜିଲାବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଧନ୍ୟବାଦ ଦେଇଥିଲେ। ୫–ଟି ସଚିବ ଭି.କେ. ପାଣ୍ଡିଆନ, ଜିଲାପାଳ ଡା. ବୃନ୍ଦା ଡି, ପିଡିଡିଆରଡିଏ ବିଶ୍ୱରଞ୍ଜନ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ୧୮୭୨ କୋଟିର...

୧,୬୫୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ପ୍ରକଳ୍ପଗୁଡିକୁ ନୀତିଗତ ଅନୁମୋଦନ ଦେଇ ସେଗୁଡିକର ତ୍ୱରିତ କାର୍ଯ୍ୟ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟଗୁଡ଼ିକ ନିମନ୍ତେ ରାଜ୍ୟଭିତରୁ କଞ୍ଚାମାଲ ଯେପରି ସୁବିଧାରେ ମିଳିପାରିବ ସେ ନେଇ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ କୃଷି ଓ କୃଷକ ସଶକ୍ତୀକରଣ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସ୍ତାବିତ ଶିଳ୍ପଗୁଡିକ ପାଇଁ ଆବଶ୍ୟକ ଜମି ଓ ଜଳ ଆକଳନ କରିବା ସହ ଶିଳ୍ପସଂସ୍ଥାଗୁଡିକୁ ଆବଣ୍ଟିତ ହୋଇଥିବା ଜମିର ଶତପ୍ରତିଶତ ବିନିଯୋଗ ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଯୋଗ ଦେଇ ଶିଳ୍ପ ସଚିବ ହେମନ୍ତ କୁମାର ଶର୍ମା କହିଛନ୍ତ, ପ୍ରକଳ୍ପଗୁଡ଼ିକ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧିରେ ସହାୟକ ହେବ। ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ବିଷ୍ଣୁପଦ ସେଠୀ, ଜଳ ସମ୍ପଦ ବିଭାଗ ସଚିବ ଅନୁ ଗର୍ଗ, ଶକ୍ତି ବିଭାଗ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

### ଅଭିନନ୍ଦନଙ୍କୁ...

ଉତ୍ସବରେ ବୀର ଚକ୍ର ମେଡାଲ ପ୍ରଦାନ କରାଯାଇଛି। ୨୦୧୯ ଫେବୃୟାରୀ ୧୪ରେ ଜମ୍ମୁ–କଶ୍ମୀରର ପୁଲ୍‌ୱାମାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହାର ୧୨ ଦିନ ପରେ ଭାରତୀୟ ବାୟୁସେନାର ମିରେଜ୍–୨୦୦୦ ଯୁଦ୍ଧବିମାନ ପାକିସ୍ତାନର ବାଲାକୋଟରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ଉପରେ ଏୟାର ଷ୍ଟ୍ରାଇକ କରିଥିଲା। ଏହା ପରଦିନ ପାକିସ୍ତାନ ଯୁଦ୍ଧବିମାନ ଭାରତ ମଧ୍ୟରେ ପ୍ରବେଶ ଉଦ୍ୟମ କରୁଥିବାବେଳେ ଅଭିନନ୍ଦନ ଏହାକୁ ଖସାଇଦେଇଥିଲେ। ଏହା ପରେ ଶତ୍ରୁପକ୍ଷର ଅନ୍ୟ ଯୁଦ୍ଧବିମାନଗୁଡ଼ିକ ଫେରିଯାଇଥିଲେ।

୧୯୯୯ କାର୍ଗିଲ ଯୁଦ୍ଧ ପରେ ବୀର ଚକ୍ର ପାଇବାରେ ଅଭିନନ୍ଦନ ପ୍ରଥମ। କାର୍ଗିଲ ଯୁଦ୍ଧରେ ସାହସିକ ପ୍ରଦର୍ଶନ ଲାଗି ସ୍କ୍ୱାଡ୍ରନ ଲିଡର ଅଜୟ ଆହୁଜା ଏବଂ ୱିଙ୍ଗ୍ କମାଣ୍ଡର ଏ.କେ. ସିହ୍ନାଙ୍କୁ ଏହି ମେଡାଲ ମିଳିଥିଲା। ଆହୁଜାଙ୍କୁ ମରଣୋତ୍ତର ଭାବେ ଉକ୍ତ ସମ୍ମାନ ପ୍ରଦାନ କରାଯାଇଥିଲା।

ସୋମବାର ରାଷ୍ଟ୍ରପତି କୋବିନ୍ଦ ଦୁଇଜଣଙ୍କୁ କୀର୍ତ୍ତି ଚକ୍ର ଏବଂ ୧୦ ଜଣଙ୍କୁ ଶୌର୍ଯ୍ୟଚକ୍ର ମେଡାଲ ପ୍ରଦାନ କରିଛନ୍ତି। ସାପର୍ ପ୍ରକାଶ ଯାଦବଙ୍କୁ ମରଣୋତ୍ତର ଭାବେ କୀର୍ତ୍ତି ଚକ୍ର ପ୍ରଦାନ କରାଯାଇଥିବାବେଳେ ମେଜର ବିଭୂତି ଶଙ୍କର ଧୌଣ୍ଡିୟାଲ, ନାଏବ ସୁବେଦାର ସୋମବୀରଙ୍କୁ ମରଣୋତ୍ତର ଭାବେ ଶୌର୍ଯ୍ୟଚକ୍ର ମିଳିଛି। ଏହା ବ୍ୟତୀତ ସିଆର୍‌ପିଏଫ୍ ଡେପୁଟି କମାଣ୍ଡାଣ୍ଟ ହର୍ଷପାଲ ସିଂଙ୍କୁ କୀର୍ତ୍ତି ଚକ୍ର ପ୍ରଦାନ କରାଯାଇଥିବାବେଳେ କଲୋନେଲ ଅଜୟ ସିଂ କୁଶ୍ୱାହା, ଲ୍ୟୁଟ୍‌ନାଣ୍ଟ କଲୋନେଲ ଜ୍ୟୋତି ଲାମା, ମେଜର କୋଞ୍ଜେଙ୍ଗବାମ୍ ବିଜେନ୍ଦ୍ର ସିଂ, ମେଜର ମହେଶକୁମାର ଭୁରେ, ନାଏବ ସୁବେଦାର ନରେନ୍ଦ୍ର ସିଂ, ହାବିଲଦାର ଆଲୋକ କୁମାର ଦୁବେ, ନାଏକ ନରେଶ କୁମାର ଏବଂ ନୌସେନାର ଅମିତ ସିଂ ରାଣାଙ୍କୁ ଶୌର୍ଯ୍ୟ ଚକ୍ରରେ ସମ୍ମାନିତ କରାଯାଇଛି। ଅଶୋକ ଚକ୍ର ପରେ କୀର୍ତ୍ତି ଚକ୍ର ଏବଂ ଶୌର୍ଯ୍ୟଚକ୍ର ଦେଶର ଶାନ୍ତି ସମୟରେ ଦ୍ୱିତୀୟ ଓ ତୃତୀୟ ସର୍ବୋଚ୍ଚ ସାହସିକତା ପୁରସ୍କାର।

### ବିଶ୍ୱରେ...

ରହିଛି। ବାସ୍ତବରେ ବିଶ୍ୱର ୭୦ ପ୍ରତିଶତ ଲୋକ ଗଣତନ୍ତ୍ର ନ ଥିବା ଦେଶ କିମ୍ବା ଗଣତାନ୍ତ୍ରିକ ନୀତି କ୍ଷୟ ହେବାରେ ଲାଗିଥିବା ରାଷ୍ଟ୍ରରେ ରହୁଥିବା ୩୪ ଦେଶକୁ ନେଇ ଗଠିତ ଏହି ସଙ୍ଗଠନର ରିପୋର୍ଟରେ ଦର୍ଶାଯାଇଛି।

ଗଣତନ୍ତ୍ର ନ ଥିବା ଦେଶରେ ଲୋକଙ୍କ ସ୍ଥିତି ଉଦ୍‌ବେଗଜନକ ରହିଛି। ସେଠାରେ ଅଭିବ୍ୟକ୍ତି ସ୍ୱାଧୀନତା ନ ଥିବାବେଳେ ଆଇନକାନୁନକୁ ପାଳନ କରାଯାଉନାହିଁ। ୮୦ରୁ ଅଧିକ ଦେଶରେ ମହାମାରୀ ବେଳେ ସରକାରଙ୍କ କଠୋର କଟକଣା ସତ୍ତ୍ୱେ ବିରୋଧ ଦେଖିବାକୁ ମିଳିଛି। ବେଲାରୁଷ, କ୍ୟୁବା, ମ୍ୟାନମାର, ସୁଦାନ ଆଦି ଦେଶରେ ଗଣତନ୍ତ୍ର ସମର୍ଥକ ଆନ୍ଦୋଳନକାରୀ ଦମନର ଶିକାର ହୋଇଛନ୍ତି। ତେଣୁ ଏବେ ସାହସୀ ହୋଇ ଗଣତନ୍ତ୍ରକୁ ପୁନର୍ଜୀବିତ କରିବାର ସମୟ ଆସିଛି ବୋଲି ଆଇଡିଇଏ ମହାସଚିବ କେଭିନ କାସାସ୍ ଜମୋରା କହିଛନ୍ତି।

# ବାଇକ୍ ଡିକି ଭାଙ୍ଗି ୨୩ହଜାର ଲୁଟ୍

**ଗୋପ,୨୨।୧୧(ଡି.ଏନ.ଏ.):** ଗୋପ ବଜାର ପୋଲିସ ପୋଷ୍ଟ ନିକଟରୁ ଏକ ବାଇକ୍ ଡିକି ଭାଙ୍ଗି ୨୩ ହଜାର ଟଙ୍କା ଲୁଟି ନେଇଥିବା ସୋମବାର ଅଭିଯୋଗ ହୋଇଛି। ଗୋପ ମକ୍ତବ ମହଲାର ନର୍ଜି ଖାଁ କୌଣସି କାମ ଲାଗି ବାଇକ୍(ନଂ.ଓଡି–୦୨–ୱାଇ– ୫୬୪୨) ଯୋଗେ ଗୋପସ୍ଥିତ ଷ୍ଟେଟ ବ୍ୟାଙ୍କ ଯାଇ ୨୩ ହଜାର ଟଙ୍କା ଉଠାଇଥିଲେ। ଟଙ୍କା ଆଣି ନିଜ ଗାଡ଼ି ଡିକିରେ ରଖିଥିଲେ। ନର୍ଜି ଖାଁ ବଜାର ଛକ ନିକଟରେ ଥିବା ପୋଲିସ ପୋଷ୍ଟ ନିକଟ ଗାଡ଼ି ରଖି ପରିବା ବଜାର ଭିତରକୁ ଯାଇଥିଲେ। ପରିବା କିଣି ଫେରିବାବେଳେ ବାଇକ୍ ଡିକି ଭାଙ୍ଗି ପଡ଼ିଥିବା ବେଳେ ଟଙ୍କା ନ ଥିବା ଦେଖିବାକୁ ପାଇଥିଲେ। ଏପରିକି ଟଙ୍କା ରଖିଥିବା ବ୍ୟାଗରେ ତାଙ୍କର କେତେକ ଜରୁରୀ କାଗଜପତ୍ର ରହିଥିବା କହିଛନ୍ତି। ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ମାଳି ପର୍ବତରୁ ବକ୍ସାଇଟ ଉତ୍ତୋଳନ ନେଇ ଜନଶୁଣାଣି

## ସମର୍ଥନ ଦେଲେ ୪ ପଞ୍ଚାୟତର ୧୮ ଗ୍ରାମବାସୀ

**ସୁନାବେଡା/କୋରାପୁଟ, ୨୨।୧୧(ସ୍ୱ.ପ୍ର.)**

କୋରାପୁଟ ଜିଲା ସେମିଳିଗୁଡା ବ୍ଲକର କଙ୍କଡାଆମ୍ବଠାରେ ହିଣ୍ଡାଲ୍‌କୋ ପକ୍ଷରୁ ମାଳି ପର୍ବତରୁ ବକ୍ସାଇଟ ଉତ୍ତୋଳନ ଲାଗି ସୋମବାର ପୋଲିସ ସୁରକ୍ଷା ବଳୟରେ ହୋଇଥିବା ପରିବେଶ ଜନଶୁଣାଣି ସଫଳ ହୋଇଛି। ଏଥିରେ ଖଣି ପ୍ରଭାବିତ ପାକଖୋଲା, ଦଳେଇଗୁଡା, ଶୋରିଷପଦର, ଖୁଡି ଆଦି ୪ ପଞ୍ଚାୟତର ୧୮ ଗ୍ରାମବାସୀ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୨୧ରେ ଅନୁଷ୍ଠିତ ଜନଶୁଣାଣି ସମୟରେ ସଭାକ୍ଷେତ୍ର ରଣକ୍ଷେତ୍ର ପାଲଟିବାରୁ ଜନଶୁଣାଣି ସମ୍ଭବ ହୋଇପାରି ନ ଥିଲା। ଏହାକୁ ଦୃଷ୍ଟିରେ ରଖି ସୋମବାର କଙ୍କଡାଆମ୍ବ ଗ୍ରାମ ଜାତୀୟ ରାଜପଥ ନିକଟରୁ ସଭାସ୍ଥଳ ପର୍ଯ୍ୟନ୍ତ ପୋଲିସ ମୁତୟନ ହୋଇଥିଲେ। ପାହାଡ ଉପରୁ ବିକ୍ଷୋଭକାରୀଙ୍କ ସାମ୍ଭାବ୍ୟ ପ୍ରବେଶକୁ ରୋକିବା ପାଇଁ ସମ୍ପୂର୍ଣ୍ଣ ଅଞ୍ଚଳକୁ କଣ୍ଟା ତାରବାଡରେ ଘେରାଉ କରାଯାଇଥିଲା। ଜନଶୁଣାଣି ସ୍ଥଳ ସମେତ ବିଭିନ୍ନ ସ୍ଥାନରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। କୋରାପୁଟ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସଙ୍କ ସମେତ ୬ ଜଣ ଡିଏସ୍‌ପି, ସୁନାବେଡା, ପଟ୍ଟାଙ୍ଗି, ଦାମନଯୋଡି, ଦଶମନ୍ତପୁର, ନନ୍ଦପୁର,କୋରାପୁଟ ଟାଉନ ଓ ସଦର ଆଇଆଇସିଙ୍କ ସହ ୧୨ ଜଣ ଇନ୍ସପେକ୍ଟର ବିଭିନ୍ନ ସ୍ଥାନରେ ମୁତୟନ ରହି ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ। ଜନ ଶୁଣାଣିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୌଖିକ ଭାବେ ୧୦/୧୨ ଜଣ ସମର୍ଥନ ଦେଇଥିବାବେଳେ ୨ ଜଣ ଲିଖିତ ଭାବେ ସମର୍ଥନ ଦେଇଥିଲେ। ଏହି ସମର୍ଥନକୁ ଭିତ୍ତିକରି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟକୁ ପ୍ରସ୍ତାବ ପଠାଯିବ। ପରିବେଶ ମଞ୍ଜୁରି ପାଇବା ପରେ ଖଣି ଉତ୍ତୋଳନ ହେବ। ସମ୍ପୃକ୍ତ ଅଞ୍ଚଳରେ ଲୋକମାନେ ଶିକ୍ଷା ସ୍ୱାସ୍ଥ୍ୟ, ରାସ୍ତା ପାନୀୟ ଜଳ, ବିଦ୍ୟୁତ୍ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଦକ୍ଷତା ବୃଦ୍ଧି ଉପରେ ଜନ ଶୁଣାଣିରେ ଦାବି କରାଯାଇଥିଲା। ଏହାକୁ ପୂରଣ କରାଯିବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ହିଣ୍ଡାଲୋକ ଅଧିକାରୀ ପ୍ରତାପ ପାତ୍ର କହିଛନ୍ତି, ଖଣି ଖନନ ପାଇଁ ସରକାରଙ୍କ ଯାହା ସବୁ ବିଧି ବ୍ୟବସ୍ଥା ଅଛି ତାହାକୁ କମ୍ପାନୀ ପୂରଣ କରିବ। ସେହି ପରି ଖଣି ଅଧିକାରୀ ମନୋଜ ନାୟକ ଜନଶୁଣାଣିରେ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ନେଇ ଯାହା ସବୁ ଦାବି କରାଯାଇଛି ତାହା ପୂରଣ କରାଯିବ ବୋଲି କହିଥିଲେ। ଏଥିସହ ଉକ୍ତ ଅଞ୍ଚଳର ଝରଣା ଜଳ କେବଳ କୃଷି କ୍ଷେତ୍ର ପାଇଁ ବ୍ୟବହାର କରାଯିବ। ସୂଚନାଯୋଗ୍ୟ, ହିଣ୍ଡାଲକୋକୁ ଗତ ୨୦୦୬ରେ ପରିବେଶ ମଞ୍ଜୁରି ସହ ମାଳିପର୍ବତର ୨୬୮.୧୧ ହେକ୍ଟର ପରିମିତ ଅଞ୍ଚଳରୁ ବକ୍ସାଇଟ ଖଣି ଲିଜ ପ୍ରଦାନ କରାଯାଇଥିଲା। ତେବେ କମ୍ପାନୀର ଖଣି ଉତ୍ତୋଳନକୁ ଲୋକଙ୍କ ବିରୋଧ ଯୋଗୁ ଖଣି ଖନନ ୨୦୧୫ରୁ ବନ୍ଦ ରହିଥିଲା।



ଜନଶୁଣାଣିରେ ଉପସ୍ଥିତ ଗ୍ରାମବାସୀ।

## ବିଏସ୍‌କେୱାଇ କାର୍ଡ ବଣ୍ଟନ ପାଇଁ ପ୍ରସ୍ତୁତି

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ(ବିଏସ୍‌କେୱାଇ) ବଣ୍ଟନ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ମୋତିଲାଲ ସୁଲିଆ, ଏଇ ବିନିତ ଲାକ୍ରା, ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡା,ଏସ୍‌ଡିଏମଓ ରବୀନ୍ଦ୍ର ପଣ୍ଡା, ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଆଗାମୀ ୨୫ତାରିଖରେ ସୁବର୍ଣ୍ଣପୁର ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ତିନିଦିନ ମଧ୍ୟରେ ଜିଲାର ପ୍ରତ୍ୟେକ ପଞ୍ଚାୟତରେ ବଣ୍ଟନ କରାଯିବ। ପ୍ରତ୍ୟେକ ରାଶନ କାର୍ଡ ହିତାଧିକାରୀଙ୍କୁ ଉକ୍ତ କାର୍ଡ ବଣ୍ଟନ କରାଯିବ। କାର୍ଡ ବଣ୍ଟନରେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଶିକ୍ଷକ,ସ୍ୱାସ୍ଥ୍ୟକର୍ମୀ ପ୍ରଭୃତିଙ୍କୁ ସାମିଲ କରାଯିବା ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ୩୨୨ଛାତ୍ରୀଛାତ୍ରଙ୍କୁ ନେଇ ରିଡିଂ ଫେଷ୍ଟିଭାଲ

ବାଉଁଶୁଣୀ,୨୨।୧୧(ଡିଏନ.ଏ.): ବୌଦ୍ଧ ବ୍ଲକ ବାଉଁଶୁଣୀ ୱାଇସିଡିଏ ତରଫରୁ ମନୁପାଲି, ଖଲିଆପାଲି ଓ କସୁରବନ୍ଧ ପଞ୍ଚାୟତରେ ଷଷ୍ଠ ଓ ସପ୍ତମ ଶ୍ରେଣୀର ୩୨୨ ଛାତ୍ରଛାତ୍ରୀଙ୍କୁ ନେଇ ରିଡିଙ୍ଗ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସ ସ୍କୁଲ କୁ ଫେରିବା ନାମକ ଏକ ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ସାଧାରଣ ଜ୍ଞାନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଗଳ୍ପ ବହି ପଠନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଖଲିଆପାଲି ସରପଞ୍ଚ ଶେଷଦେବ ମୁଦୁଲି, ନୀଳମଣି ମେହେର, କରୁଣାକର ଘଣ୍ଟୁଆଳ, ସିଆରସିସି କାହ୍ନୁଚରଣ ସେଠୀ, ଶଶୀଭୂଷଣ ମହାକୁଳ, ସବିତା ମହାକୁଳ, ନମିତା ଦନ୍ତା, ପ୍ରମୁଖ ଯୋଗଦେଇଥିଲେ। ୱାଇସିଡିଏ କର୍ମୀ ରୋଜାଲିନ ପରିଡ଼ା, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚାଷୀ ସମସ୍ୟାର ସମାଧାନ ପାଇଁ ଆଲୋଚନା ପ୍ରସ୍ତାବ

ପଦ୍ମପୁର,୨୨।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର କୃଷକ ସଙ୍ଗଠନର ଚାଷୀମାନେ ନାନା ସମସ୍ୟା ଦେଇ ଗତି କରୁଛନ୍ତି। ଏହି ଉପଖଣ୍ଡ ଅଧୀନ ବିଭିନ୍ନ ବ୍ଲକର ପ୍ରାୟ ଏକ ହଜାରରୁ ଅଧିକ ଚାଷୀ ଗତ ଖରିଫ ଫସଲର ବୀମାରାଶି ପାଇ ନାହାନ୍ତି। ଇନ୍‌ପୁଟ୍ ସବ୍‌ସିଡି ଓ ମରୁଡି ସହାୟତା ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ସେହିପରି ଚଳିତ ବର୍ଷ ମରୁଡି ସତ୍ତ୍ୱେ ବୀମା କମ୍ପାନୀ କ୍ରପ୍ କଟିଂ ସମୟରେ ହସ୍ତକ୍ଷେପ କରିବା, ଚାଷୀ ସୁବିଧାରେ ଧାନ ବିକ୍ରୟ କରିବା, ଶୀଘ୍ର ବୀମାରାଶି ମିଳିବାରେ ସମସ୍ୟା ସୃଷ୍ଟି ହୋଇଛି। ଏସବୁର ସମାଧାନ ପାଇଁ ଆଲୋଚନା କରିବାକୁ କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ଆବାହକ ଅଶୋକ ସାହୁ, ଚିତ୍ତ ପାଣ୍ଡେ, ଦେବରାଜ ସାହୁ, ନିରାକାର ସାହୁ, ଡୋଲାମଣି ଚୌଧୁରୀ, ପ୍ରମୋଦ ରାୟ, ଯଶୋବନ୍ତ ନାୟକ, ରମେଶ ମହାପାତ୍ର, ରୋହିତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଚାଷୀନେତା ପଦ୍ମପୁର ଉପ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ବ୍ରହ୍ମାକୁମାରୀଙ୍କ ସ୍ୱର୍ଣ୍ଣିମ ଭବନ ଉଦ୍‌ଘାଟିତ

ସୋନପୁର,୨୨।୧୧(ନି.ପ୍ର.): ସୁବର୍ଣ୍ଣପୁର ପ୍ରଜାପିତା ବ୍ରହ୍ମକୁମାରୀ ଶାଖା ପକ୍ଷରୁ ସହରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁରେଶ୍ୱରୀ ମନ୍ଦିର ନିକଟରେ ବ୍ରହ୍ମକୁମାରୀ ସ୍ୱର୍ଣ୍ଣିମ ଭବନ ଉଦ୍‌ଘାଟିତ ହୋଇଛି। ବ୍ରହ୍ମକୁମାରୀ ସମ୍ବଲପୁର ଉପକ୍ଷେତ୍ର ଅଧିକାରୀ ରାଜଯୋଗିନୀ ବି କେ ପାର୍ବତୀ ଦିଦିଜୀ ଓ ଓଡିଶା ଲୋକାୟୁକ୍ତ ସଦସ୍ୟ ଡ. ଦେବବ୍ରତ ସ୍ୱାଇଁ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ରକ୍ତଭଣ୍ଡାରର କର୍ମଚାରୀମାନେ ମୋଟ ୪୦ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ସନ୍ଧ୍ୟାରେ ବ୍ରହ୍ମକୁମାରୀ ବାଣିଜ୍ୟ ବିଭାଗର ଆଧାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସୁବର୍ଣ୍ଣପୁର କେନ୍ଦ୍ର ଅଧିକାରୀ ବି.କେ. ନମିତା, ତରଭା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଶମ୍ଭୁପ୍ରସାଦ ପଣ୍ଡା, ଜିଲା ବ୍ୟବସାୟୀ ସଂଘ ସମ୍ପାଦକ ବି.ସତ୍ୟନାରାୟଣ ରାଓ ଅତିଥିଭାବେ ଯୋଗଦେଇଥିଲେ। ଦିଲ୍ଲୀ ଶାଖାର ସଚିନ ଭାଇ, ବ୍ରହ୍ମ କୁମାର ଜଗନ୍ନାଥ, ପଦ୍ମନାଭ, ପୂର୍ଣ୍ଣଚନ୍ଦ୍ର, ସୁଶାନ୍ତ, ସ୍ମରଣିକା, ବାଲକୃଷ୍ଣ, ସନ୍ତୋଷ, ଶ୍ୟମ ଓ ଧ୍ରୁବ ଭାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଜନଜାଗରଣ ଲୋଡ଼ା

ସୋନପୁର,୨୨।୧୧(ନି.ପ୍ର.)

ଭାରତରେ ଜନସଂଖ୍ୟା ବୃଦ୍ଧି ପାଇ ୧୪୦ କୋଟିରେ ପହଞ୍ଚିଲାଣି। ୨୦୪୦ମସିହା ବେଳକୁ ଦେଶର ଜନସଂଖ୍ୟା ୨୪୦ କୋଟିକୁ ଛୁଇଁଥିବ। ଏହା ଚିନ୍ତାଜନକ ବିଷୟ। ତେବେ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉନାହାନ୍ତି। କେବଳ ସଭାସମିତି ଓ ଆଲୋଚନା ସଭାରେ ଏହା ସୀମିତ ହୋଇ ରହିଯାଇଛି। ତେଣୁ ଦେଶରେ କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ପାଇଁ ଜୋରଦାର ଆନ୍ଦୋଳନ ଓ ଜନଜାଗରଣ କରାଯିବ। ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ରାଜ୍ୟ ସଭାପତି ବିପିନ ବିହାରୀ ଦାସ ସୋମବାର ସୋନପୁର ଶ୍ରଦ୍ଧା ଏକାଡେମୀଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ



ଜନସଂଖ୍ୟା ସମାଧାନ ଫାଉଣ୍ଡେଶନର ନେତୃବୃନ୍ଦ ସୂଚନା ଦେଉଛନ୍ତି।

ଏହା କହିଛନ୍ତି। ଦାସ ଆହୁରି କହିଛନ୍ତି ଜନସଂଖ୍ୟା ଯେଉଁଭଳି ଭାବରେ ବୃଦ୍ଧି ପାଉଛି ତାହା ଆଗାମୀ ଦିନରେ ଦେଶର ସାମାଜିକ, ଆର୍ଥିକ, ରାଜନୈତିକ, ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ। ତେଣୁ ଜନସଂଖ୍ୟା ନିୟନ୍ତ୍ରଣ ଅଭିଯାନକୁ ଜନଆନ୍ଦୋଳନ ଭାବରେ ପରିଣତ କରିବାକୁ ପଡିବ। ଦେଶର ହିତ ଓ ସମସ୍ତ ନାଗରିକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ସମାଜରୁ କୁପ୍ରଥାକୁ ଦୂର କରିବା, ସମସ୍ତ ନାଗରିକଙ୍କ ପାଇଁ ସମାନ ଆଇନ, ସମାନ ଅଧିକାର ଓ ଦୁଇ ସନ୍ତାନ ଆଇନ ବାଧ୍ୟତା ମୂଳକ କରିବା ସଂଗଠନର ଲକ୍ଷ୍ୟ। ପୂର୍ବରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆସନ୍ତା ମାସରେ ରାଜ୍ୟର ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଫାଉଣ୍ଡେସନ ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ରାଜ୍ୟ ସଭାପତି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ସୁବର୍ଣ୍ଣପୁର ଜିଲା ପ୍ରଭାରୀ ତଥା ରାଜ୍ୟ ସାଧାରଣ ସମ୍ପାଦକ ଗୋପାଳଜୀ ପାଣିଗ୍ରାହୀ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରଦ୍ଧାଞ୍ଜଳି ମିଶ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଭାରତୀ ପଣ୍ଡା, କ୍ଷେତ୍ରୀୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ବଳଦେବ ପ୍ରସାଦ ବେଦବାକ, ସୁରେଶ ମିଶ୍ର, ଧର୍ମ ନିରଞ୍ଜନ ପଣ୍ଡା, ବ୍ୟାସଦେବ ମିଶ୍ର ଓ ବାପି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଗପୋକରେ ଉଜୁଡ଼ିଲା ଧାନ ଫସଲ


ଜିଲାପାଳଙ୍କୁ ଫେରାଦ ହୋଇଥିବା କ୍ଷତିଗ୍ରସ୍ତ ଚାଷୀବୃନ୍ଦ।

ବରଗଡ଼ ଅଫିସ୍,୨୨।୧୧

ବରଗଡ଼ ଜିଲାରେ ଖରିଫ ଧାନ ଫସଲ ଅମଳ ଆରମ୍ଭ ହୋଇଛି। ଅନ୍ୟପଟେ ଧାନ ଅମଳକ୍ଷମ ଅବସ୍ଥାକୁ ଆସିଯାଇଥିବା ବେଳେ ଜିଲାର ବିଭିନ୍ନ ଅଞ୍ଚଳରେ ଚକଡ଼ା (ମାଟିଆଗୁଣ୍ଡି) ରୋଗପୋକ ପ୍ରାଦୁର୍ଭାବ ଦେଖାଯାଇଛି। ଫଳରେ ସମ୍ପୃକ୍ତ ଅଞ୍ଚଳର ଧାନ ଫସଲ ଉଜୁଡ଼ିଛି। ଜିଲାର ବିଜେପୁର ବ୍ଲକ ବଡ଼ବ୍ରାହ୍ମଣୀ ପଞ୍ଚାୟତ ଅନ୍ତର୍ଗତ କଟାପାଲି ଗ୍ରାମରେ ଏଭଳି ଧାନ ଫସଲ ଉଜୁଡ଼ି ଯାଇଥିବା ଅଭିଯୋଗ ହୋଇଛି। ସୋମବାର ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀମାନେ ଉଜୁଡା ଧାନଗଛ ଧରି ଏ ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏଥିଯୋଗୁ ଋଣ ପରିଶୋଧ, ପରିବାର ଗୁଜୁରାଣ ଚିନ୍ତା ବଢ଼ିଯାଇଥିବା ଚାଷୀମାନେ କହିଛନ୍ତି। ଫଳରେ ସେମାନଙ୍କୁ ସରକାରୀ ସହାୟତା ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ବଳଦେବ ସାହୁ, ବସୁଦେବ ସାହୁଙ୍କ ସମେତ ବହୁ ଚାଷୀ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ବାହାରିଲା ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥ


ପୁରୁଷ ବନ୍ଧ୍ୟାକରଣ ରଥର ଶୁଭାରମ୍ଭ କରାଯାଉଛି।

ସୋନପୁର, ୨୨।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ସଙ୍ଗୀତା ଚୌଧୁରୀ ସବୁଜ ପତାକା ଦେଖାଇ ସୋମବାର ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଆଗାମୀ ୮ ଦିନ ଯାଏ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ଗ୍ରାମାଞ୍ଚଳ ବୁଲି ଲୋକଙ୍କୁ ପୁରୁଷ ବନ୍ଧ୍ୟାକରଣ ଉପରେ ସଚେତନ କରାଇବ। ଏଠାରେ ସୂଚନାଯୋଗ୍ୟ, ନଭେମ୍ବର ୨୧ରୁ ୨୭ତାରିଖ ଯାଏ ସଚେତନତା ସପ୍ତାହ ଓ ୨୮ତାରିଖରୁ ଡିସେମ୍ବର ୪ ଯାଏ ସେବା ପ୍ରଦାନ ସପ୍ତାହ ପାଳନ କରାଯାଉଛି। ସଚେତନତା ସପ୍ତାହରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପ୍ରଶିକ୍ଷଣ, ସେକ୍ଟରସ୍ତରରେ ଆଶାମାନଙ୍କୁ ପ୍ରଶିକ୍ଷଣ, ବ୍ୟାନର୍, ପୋଷ୍ଟର ପ୍ରଦର୍ଶନ, ଲିଫ୍‌ଲେଟ ବଣ୍ଟନ, ସ୍ୱାସ୍ଥ୍ୟକାନ୍ଥରେ ବାର୍ତ୍ତା ଲିଖନ, ଘରକୁ ଘର ବୁଲି ବ୍ୟକ୍ତିଗତ ଯୋଗାଯୋଗ ଆଦି ବ୍ୟାପକ ସଚେତନତାମୂଳକ ପଦକ୍ଷେପ ନିଆ ଯିବାର ଯୋଜନା ରହିଛି। ସେବା ପ୍ରଦାନ ସପ୍ତାହରେ ଉପଯୁକ୍ତ ହିତାଧିକାରୀଙ୍କୁ ପୁରୁଷ ପରିବାର ନିୟୋଜନ ସେବା ପ୍ରଦାନ କରିବାର ଯୋଜନା କରାଯାଇଛି। ଏହି ଅବସରରେ ସଚେତନତା ରଥ ଲୋକଙ୍କୁ ପରିବାର ନିୟୋଜନ ସମ୍ବନ୍ଧୀୟ ସୂଚନା ଦେବାରେ ବିଶେଷ ସହାୟକ ହେବ। କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିବା ବେଳେ ବ୍ଲକ ଆକାଉଣ୍ଟ ମ୍ୟାନେଜର ସୁଜିତ କୁମାର ସାହୁ, ସ୍ୱାସ୍ଥ୍ୟକର୍ମୀ ଅମିତ ପ୍ରଧାନ, ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭଗବତୀ ସ୍ପୋର୍ଟିଂ ସୋନପୁର ଚାମ୍ପିୟନ

## ରଘୁନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଅମରପାଲି/ଉଲୁଣ୍ଡା, ୨୨।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୁକିଆ ଗ୍ରାମରେ ଚାଲିଥିବା ୪ର୍ଥ ରଘୁନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବିନିକାକୁ ହରାଇ ଭଗବତୀ ସ୍ପୋର୍ଟିଂ ସୋନପୁର ଚାମ୍ପିୟନ ହୋଇଛି। ଟସ୍ ଜିଣି ସୋନପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଦଳର ବବୁଲୁ ସେଠୀ ୪୫ବଲରୁ ସର୍ବାଧିକ ୭୪ ରନ କରିଥିଲେ। ବିପକ୍ଷ ବିନିକା ଦଳର ରଞ୍ଜନ ୪ଟି ଉଇକେଟ ନେଇଥିଲେ। ଜବାବରେ ବିନିକା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୪ ରନ କରି ପରାସ୍ତ ହୋଇଥିଲା। ଦଳର ପିଣ୍ଟୁ ଦୀପ ୬୨ ବଲରୁ ଧୂଆଁଧାର ୧୧୦ରନ କରିଥିଲେ। ସୋନପୁରର ବବୁଲୁ ସେଠୀ ୩ଟି ଉଇକେଟ ନେଇଥିଲେ। ଆୟୋଜକ ସଭାପତି ଆଦିତ୍ୟ ପୁରୋହିତ ଙ୍କ


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଭାଜପା ନେତା ବଳରାମ ସୁନା ମୁଖ୍ୟ ଅତିଥି, କ୍ରୀଡାବିତ ଗିରିଶ ପୁରୋହିତ, ସୁନୀଲ ପାଢୀ, ସୁଜିତ ପଣ୍ଡା, ତ୍ରିବିକ୍ରମ ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୋନପୁରର ବବୁଲୁ ସେଠୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ବିନିକାର ପିଣ୍ଟୁ ଦୀପଙ୍କୁ ସିରିଜ, ଜୟନାରାୟଣ ମେଣ୍ଡୁଲିଙ୍କୁ ଶ୍ରେଷ୍ଠ ବୋଲର, ବିକାଶ ଜଗଦଲାଙ୍କୁ ଏମରଜିଙ୍ଗ ପ୍ଲେଆର ଭାବେ ପୁରସ୍କୃତ କରାଯାଇଥିଲା। ଏଥିସହିତ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ସତ୍ୟନାରାୟଣ ପ୍ରଧାନ ଓ ଶିବରାମ ପୁରିହିତ ପରିଚାଳନା କରିଥିଲେ। ମାନଭଞ୍ଜନ ଆଚାର୍ଯ୍ୟ ସ୍କୋରିଂ ଏବଂ ବବୁଲୁ ପୁରୋହିତ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଅମଠି ହତ୍ୟା ଘଟଣା: ୨ ଅଭିଯୁକ୍ତ ଗିରଫ

ପଦ୍ମପୁର, ୨୨।୧୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଖାରବନ୍ଧ ଥାନା ଅଧୀନ ଅମଠିରେ ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପାଇକମାଲ ଗ୍ରାମର ରମାକାନ୍ତ ମିଶ୍ର ଓ ଅକ୍ରମ ଅଲ୍ଲୀ। ସେମାନଙ୍କଠାରୁ ବେସ୍ ବଲ, ବ୍ୟାଟ୍, ବାଇକ (ନଂ.ଓଡି୧୭ଏଫ/୭୯୪୪) ଜବତ ହୋଇଛି। ଏ ନେଇ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଗତ ତା୨୪।୩।୨୧ରିଖରେ ଏକ ଫାଇନାନ୍ସ କମ୍ପାନୀ ପାଇକମାଲ ଶାଖାର କର୍ମଚାରୀ ବିଶ୍ୱଜିତ ରାଜହଂସ ବିଭିନ୍ନ ମହିଳା ଗ୍ରୁପ୍‌ରୁ ଟଙ୍କା ଅସୁଲି କରି ଫେରୁଥିବା ବେଳେ ବାଟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କର ପିଛା କରିଥିଲେ। ଏହି ସମୟରେ ବିଶ୍ୱଜିତ ଆତ୍ମରକ୍ଷା ପାଇଁ ଅମଠି ଗ୍ରାମର ବିନୋଦ ରଣାଙ୍କ ଘର କବାଟକୁ ବାଡେଇଥିଲେ। କବାଟ ଖୋଲିବାରେ ଡେରି ହେବାରୁ ଦୁର୍ବୃତ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବିଶ୍ୱଜିତଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଅଭିଯୋଗ ହେବାରୁ ପୋଲିସ ଏକ ମାମଲା (ନଂ.୩୩/୨୧) ରୁଜୁ କରି ତଦନ୍ତ କରିଥିଲା। ସନ୍ଦେହ ହେବାରୁ ପୋଲିସ ରମାକାନ୍ତ ଓ ଅକ୍ରମଙ୍କୁ ଅଟକ ରଖି ପଚରାଉଚୁରା କରିବାରୁ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ଏସ୍‌ଡିପିଓ ଭୋଇ ସୂଚନା ଦେଇଛନ୍ତି।

# ଚିକିତ୍ସାରେ ଅର୍ଥ ବାଧକ

ବରଗଡ଼ ଅଫିସ୍,୨୨।୧୧

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମର ହେମରାମ ପ୍ରଧାନ। ସେ ଦୀର୍ଘଦିନରୁ ପକ୍ଷାଘାତ ରୋଗାକ୍ରାନ୍ତ ଅଛନ୍ତି। ଅର୍ଥାଭାବରୁ ଚିକିତ୍ସା ହୋଇପାରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଚିକିତ୍ସା ସହାୟତା ମିଳିବା ଆଶା ନେଇ ସୋମବାର ସେ ସ୍ତ୍ରୀ ଡାଳିମ୍ବଙ୍କ ସହିତ ଜିଲାପାଳଙ୍କ ଅଫିସ ଆସି ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ହେମରାମ ଗରିବ ଶ୍ରେଣୀର। ରହିବା ପାଇଁ ଭଲ ଘରଟିଏ ନାହିଁ। ତାଙ୍କୁ ଏପର୍ଯ୍ୟନ୍ତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସେ ଦୀର୍ଘଦିନ ହେଲା ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରି ପାରୁ ନ ଥିବା ହେମରାମ କହିଛନ୍ତି। ଏଭଳି ସ୍ଥିତିରେ ତାଙ୍କୁ ଚିକିତ୍ସା ସହାୟତା ସହିତ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ଘର ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସେ ନିବେଦନ କରିଛନ୍ତି।


ଚିକିତ୍ସା ସହାୟତା ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଦମ୍ପତି।

# ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣା


ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ କିଷାନ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ବୌଦ୍ଧ, ୨୨।୧୧ (ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏଠାରେ ରୋଗୀଙ୍କୁ ଉପଯୁକ୍ତ ସେବା ମିଳୁନି। ଏହାର ପ୍ରତିବାଦ କରି ସୋମବାର ଜିଲା କିସାନ ସଂଘ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସଂଘ ସଭାପତି ସୂର୍ଯ୍ୟନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ଚାଷୀମାନେ ପୂର୍ବାହ୍ନ ୧୦ଟାରୁ ମେଡିକାଲ ଆଗରେ ଧାରଣା ଦେଇଥିଲେ। ଜିଲାସ୍ତରୀୟ ଡାକ୍ତରଖାନା ହୋଇଥିଲେ ହେଁ ଏଠାରେ ଆବଶ୍ୟକ ବେଡ ନାହିଁ। କୌଣସି ନିଶ୍ଚେତକ ଡାକ୍ତର ନ ଥିବାରୁ ଅପରେଶନ ହୋଇପାରୁନାହିଁ। ଜିଲାରେ ୧୨୫ଜଣ ଡାକ୍ତର ରହିବା ସ୍ଥାନରେ ବର୍ତ୍ତମାନ ୭୩ ଜଣ ଅଛନ୍ତି। ଏହା ସହ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଚିକିତ୍ସା ପାଇଁ ବୌଦ୍ଧରେ ଏକ ମେଡିକାଲ କଲେଜ ଖୋଲିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବିଗୁଡିକ ଅଗାମୀ ଦିନରେ ପୂରଣ ନ ହେଲେ କିସାନ ସଂଘ ଆନ୍ଦୋଳନକୁ ଯୋରଦାର କରିବ ବୋଲି କହିଛି। ଧାରଣାସ୍ଥଳରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଭୟ କୁମାର ଦାସ ପହଞ୍ଚି ଆସନ୍ତା ଦିନରେ କୌଣସି ରୋଗୀ ଦୁର୍ବ୍ୟବହାରର ଶିକାର ହେବ ନାହିଁ ବୋଲି କହିଥିଲେ। ଆଗାମୀ ୭ଦିନ ମଧ୍ୟରେ ଡାକ୍ତରଖାନାରେ ନବଜାତ ଶିଶୁଙ୍କ ପାଇଁ ବ୍ୟବସ୍ଥା କରିବାକୁ କହିବା ପରେ ଧାରଣାରୁ ଓହରିଥିଲେ।

# ଚାଷୀଙ୍କୁ ଚିନ୍ତାରେ ପକାଇଲା ଅଦିନିଆ ବର୍ଷା

ବିନିକା,୨୨।୧୧(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଗରୁବାର ଅପରାହ୍ନରେ ଝଡ ତୋଫାନ ସହିତ ୨ଘଣ୍ଟା ଧରି ବର୍ଷା ହୋଇଥିଲା। ଏଥିଯୋଗୁ ଖଳାରେ ଅମଳ ହୋଇଥିବା ଓ ଖେତରେ କଟା ହୋଇ ପଡିଥିବା ଧାନ ଭିଜି ଯାଇଛି। କୌଣସିମତେ ଖେତରୁ ପାଣି ନିଷ୍କାସନ ପାଇଁ ଚାଷୀମାନେ ଲାଗି ପଡିଛନ୍ତି। ହାତୀ ଓ ବାର୍‌ହା ଉପଦ୍ରବରେ ସନ୍ତୁଳିତ ହେଉଥିବା ଚାଷୀ ଅଦିନିଆ ବର୍ଷା ପରେ ଫସଲ ଅମଳ ନେଇ ଚିନ୍ତାରେ ପଡି ଯାଇଛନ୍ତି। ସିଂଘିଯୁବା, ଭଣ୍ଡାର, ବାବୁପାଲି, ବାଙ୍କିଘିର୍ଡି,ସିନ୍ଦୁରପୁର, ସିଲାଟି, ମେଘଲା ଓ ଚରଦା ପଞ୍ଚାୟତରେ ଅଧିକ ଫସଲ ପ୍ରଭାବିତ ହୋଇଥିବା ସୁଦାମ ପାତ୍ର, ହେମନ୍ତ ପଧାନ, ଅଶ୍ୱିନୀ ପଧାନ, ବଳରାମ ପାତ୍ର, ରବିନ୍ଦ୍ର ପଧାନ, ଶୁକଦେବ ଦେହେରୀ, ସୁଜିତ ଥାର୍ଟୀ, ନନ୍ଦିଘୋଷ ସାହୁ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି।

# ଓଲଟିଲା ଟ୍ରାକ୍ଟର, ଡ୍ରାଇଭର ମୃତ



ଅମରପାଲି,୨୨।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଠେଙ୍ଗୋ ଡ୍ୟାମ ନିକଟ ନିର୍ମାଣାଧୀନ ପୋଲ ସଂଯୋଗ ରାସ୍ତାରେ ଏକ ଟ୍ରାକ୍ଟର ଓଲଟି ପଡିବାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ବରଗଡ ଜିଲା ସୋହେଲା ବ୍ଲକ ଝରେଇ ଗ୍ରାମର ଦିଲୀପ ଛତର(୩୦)। ସୋମବାର ପୂର୍ବାହ୍ନ ୧୧ଟାରେ ପୋଲକୁ ସଂଯୋଗ ରାସ୍ତା ପାଇଁ ପଥର ଆଣାଯାଉଥିଲା। ରାସ୍ତାକଡରେ ପଥର ଅନଲୋଡ ପରେ ଭାରସାମ୍ୟ ହରାଇ ଓଆର ୧୭ ଏଫ ୦୧୨୫ ନମ୍ବର ବିଶିଷ୍ଟ ଟ୍ରାକ୍ଟର ଓଲଟି ପଡିଥିଲା। ଡ୍ରାଇଭର ଦିଲୀପ ଗାଡି ତଳେ ଚାପି ହୋଇ ଯାଇଥିଲେ। ନିକଟରେ କାମ କରୁଥିବା ଜେସିବିରେ ପଥର ଆଡେଇ ତାଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତର ଅବସ୍ଥାରେ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଇଲେ। ଏ ନେଇ ବୀରମହାରାଜପୁର ଥାନାରେ ଏକ ମାମଲା(୨୪୦/୨୧)ରୁଜୁ ହୋଇଥିବା ଥାନା ଅଧିକାରୀ ଅଞ୍ଜଳି କୁଆର ପ୍ରକାଶ କରିଛନ୍ତି।

# ବୌଦ୍ଧ-କନ୍ଧମାଳ ସମବାୟ କର୍ମଚାରୀଙ୍କ ଧାରଣା

ବୌଦ୍ଧ,୨୨।୧୧(ସ୍ୱ.ପ୍ର.)

ଆଠଦଫା ଦାବି ନେଇ ବୌଦ୍ଧ-କନ୍ଧମାଳ ସମବାୟ କର୍ମଚାରୀ ସଂଘ ପକ୍ଷରୁ ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସମ୍ମୁଖରେ ସୋମବାର ଧାରଣା ଦିଆଯାଇଥିଲା। ଦୀର୍ଘଦିନ ଧରି ସମବାୟ କର୍ମଚାରୀମାନେ ଦକ୍ଷତାର ସହିତ କାର୍ଯ୍ୟ ତୁଲାଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କ ସମସ୍ୟା ସମାଧାନ ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ନିବନ୍ଧକ ସମବାୟ ସମିତି ସମୂହ ଓଡ଼ିଶାଙ୍କ ପତ୍ରସଂଖ୍ୟା ୧୪୩୯୩/୨୧କୁ ସମ୍ପୂର୍ଣ୍ଣ ରଦ୍ଦ କରି ଉକ୍ତ ପଦରେ ସେବା ସମବାୟ ସମିତି କର୍ମଚାରୀଙ୍କୁ ନିଯୁକ୍ତି, ଗ୍ରେଡେସନ ତାଲିକା ପ୍ରସ୍ତୁତି, ବୌଦ୍ଧ କନ୍ଧମାଳରେ କାର୍ଯ୍ୟରତ ସମସ୍ତ ନୂତନ ସମ୍ପାଦକଙ୍କର ନିୟମ ଅନୁଯାୟୀ ଦରମା ବୃଦ୍ଧି, ଇନକ୍ରିମେଣ୍ଟ ତଥା ଅବସରକାଳୀନ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବାକୁ ଏହି ଅବସରରେ ସେମାନେ ଦାବି କରିଛନ୍ତି। ବୌଦ୍ଧ-କନ୍ଧମାଳ ସମବାୟ କର୍ମଚାରୀ ସଂଘ ସଭାପତି ସତ୍ୟଜିତ କର, ସମ୍ପାଦକ ଭୀମସେନ ସାହୁ ଓ ଶିବ ପ୍ରଧାନ ପ୍ରମୁଖ ଏହି ଧାରଣାର ନେତୃତ୍ୱ ନେଇଥିଲେ।


ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସମ୍ମୁଖରେ କର୍ମଚାରୀଙ୍କ ଧାରଣା।

# ସର୍ବନିମ୍ନ ସୁବିଧା ପାଇଁ ଫେରାଦ

ବରଗଡ଼ ଅଫିସ୍,୨୨।୧୧

ବରଗଡ଼ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିବାହାଲି ଗ୍ରାମକୁ ମୌଳିକ ସୁବିଧା ସୁଯୋଗ ଅପହଞ୍ଚ ହୋଇ ପଡିଛି। ଏଭଳି ଅଭିଯୋଗ ନେଇ ସୋମବାର ଗ୍ରାମର ପୂର୍ଣ୍ଣମାସୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ପାନୀୟଜଳ ଏବଂ ଯାତାୟାତ ସମସ୍ୟା ରହିଥିବା ସେମାନେ ଉଲ୍ଲେଖ କରିଛନ୍ତି।

ବାଞ୍ଜିବାହାଲି ଗ୍ରାମର ଜନସଂଖ୍ୟା ୫ଶହରୁ ଅଧିକ। ଏଠାରେ ଦୀର୍ଘଦିନରୁ ପାନୀୟଜଳ ଯୋଗାଣ ସମସ୍ୟା ରହିଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମରେ ନଳକୂଅ ରହିଛି। ମାତ୍ର ଗ୍ରୀଷ୍ମଦିନରେ ସେଥିରୁ ପାଣି ବାହାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ଏକ ପାନୀୟଜଳ ପ୍ରକଳ୍ପ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରୁଛନ୍ତି। କିନ୍ତୁ ଗ୍ରାମର ଅନତିଦୂରରେ ବରଗାଁ ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପ ଥିଲେ ସୁଦ୍ଧା ବାଞ୍ଜିବାହାଲି ଗ୍ରାମରେ ପିଇବା ପାଣି ସମସ୍ୟା ଲାଗି ରହିଛି। ସେହିପରି ଉକ୍ତ ଗ୍ରାମରୁ ବରଗାଁ ଗ୍ରାମପଞ୍ଚାୟତ କିମ୍ବା ସହରକୁ ଯିବା ପାଇଁ ଥିବା ପୋଲ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏହାର ମରାମତି କିମ୍ବା ନୂତନ ପୋଲ ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ପୂର୍ଣ୍ଣମାସୀ ଏସ୍‌ଏଚ୍‌ଜିର ସଭାନେତ୍ରୀ ନନ୍ଦିନୀ କରନ, ସମ୍ପାଦିକା ରୀନା ମହାକୁରଙ୍କ ନେତୃତ୍ୱରେ ସଭ୍ୟାମାନେ ସଭ୍ୟାମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।


ଜିଲାପାଳଙ୍କୁ ଫେରାଦ ହୋଇଥିବା ଏସ୍‌ଏଚ୍‌ଜି ମହିଳା।

## ଗଞ୍ଜେଇ ଜବତ, ୨ଗିରଫ

ଗୁଡ଼ଭେଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ପାଟ୍ରୋଲିଂ ପୋଲିସ ରବିବାର ବିଳମ୍ବିତ ରାତିରେ ଗୁଡଭେଲା ବ୍ଲକ ଜାମୁଟ ଶାନ୍ତିପଡା ଛକରେ ୭କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବରପାଲି ଥାନା ଟିକିନିପାଲିର ଭୋଲାନାଥ ବେହେରା ଓ ସୁଧିର କୁମାର। ବାଇକ ନମ୍ବର ଓଡି୧୭ଏସ ୦୦୪୫ରେ ଉଭୟେ ଗଞ୍ଜେଇ ନେଇ ଆସୁଥିବା ବେଳେ ପୋଲିସ ସନ୍ଦେହରେ ଅଟକାଇ ଯାଞ୍ଚ କରିବା ବେଳେ ଗଞ୍ଜେଇ ବାହାରିଥିଲା। ଏ ନେଇ ଏକ ମାମଲା(୧୬୮/୨୧)ରୁଜୁ ହୋଇଥିବା ତୁଷୁରା ଥାନାଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନ କହିଛନ୍ତି।

## ଆଜି କ'ଣ କେଉଁଠି

ସମ୍ବଲପୁର
- ଜିଲା ମହିଳା ବିଜୁ ଜନତା ଦଳର ବିକ୍ଷୋଭ, ଆର୍‌ଡିସି ଅଫିସ ସମ୍ମୁଖ, ପୂର୍ବାହ୍ନ ସାଢ଼େ ୧୧ଟା।

## ସଂକ୍ଷେପରେ

### ଟାଇଗର କପ କବାଡ଼ି ଟୁର୍ନାମେଣ୍ଟ

ସମ୍ବଲପୁର,୨୨।୧୧(ବ୍ୟୁରୋ): ସମ୍ବଲପୁର ଜିଲା ବର୍ଷିଆନ କ୍ରୀଡା ସଂଘ ଆୟୋଜିତ ଦିନିକିଆ ଟାଇଗର କପ କବାଡ଼ି ଟୁର୍ନାମେଣ୍ଟ ମନ୍ଦଲିଆ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ବଡବଜାର ଅନାମିକା କ୍ଲବ ଚାମ୍ପିୟନ ଓ ସମଲେଶ୍ୱରୀ କ୍ଲବ ରନର୍ସ ଅପ ହୋଇଛି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ବଲପୁର କବାଡ଼ି କ୍ଲବ କର୍ମକର୍ତ୍ତା ଓ ସଭ୍ୟମାନେ ମ୍ୟାଚ ପରିଚାଳନା କରଇଥିଲେ। ଆୟୋଜକ ସଂଘ ସଭାପତି ଗୋକୁଲ ଚନ୍ଦ୍ର ଦର୍ଜି ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା ଓ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ସଂଯୋଜନା କରିଥିଲେ।

### ଜିଲା ଜୁଡୋ ହଲରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ସମ୍ବଲପୁର,୨୨।୧୧(ବ୍ୟୁରୋ): ଜିଲା ଜୁଡୋ ହଲଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ସବ୍‌ଜୁନିୟର ଜୁଡୋ ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜେତା ଈଶାନ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଈଶାନ ରାଜ୍ୟର ପ୍ରତିନିଧିତ୍ୱ କରି ପଦକ ହାସଲ କରିବା ଗୌରବର ବିଷୟ ବୋଲି ବିଧାୟକ କହିଛନ୍ତି । ସାଓଲିନ କୁଂଫୁ ଉଷୁ ଆସୋସିଏଶନ ସମ୍ପାଦକ ସୁବାସ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଜିତେନ୍ଦ୍ର ପ୍ରଧାନ, ସଙ୍ଗୀତା ପ୍ରଧାନ ନିମନ୍ତ୍ରିତ ଅତିଥି ଥିଲେ।

### ଅଦିନିଆ ବର୍ଷାରେ ଭିଜିଲା ଧାନ



ଦେଓଗାଁ,୨୨।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ସୋମବାର ଅପରାହ୍ନରେ ଅଦିନିଆ ବର୍ଷା ଚାଷୀଙ୍କୁ ଦାଉ ସାଧିଛି। ଅପରାହ୍ନ ପ୍ରାୟ ୧ଟା ୩୦ରୁ ୨ଟା ମଧ୍ୟରେ ହଠାତ୍ ବର୍ଷା ହେବାରୁ ବ୍ଲକ ଅଞ୍ଚଳରେ ଚାଷୀଙ୍କ ଅମଳ ଧାନ, ପନିପରିବା, ମକା ଆଦି ଫସଲ କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ଯେଉଁ ଚାଷୀମାନେ ପାଚିଲା ଧାନକୁ ଜମିରେ କାଟି ପକାଇଥିଲେ ସେମାନଙ୍କ ଧାନ ବର୍ଷାରେ ଭିଜି ଯାଇଛି। ଉପରନ୍ତୁ, ମକୁନ୍ଦପୁର ପଞ୍ଚାୟତ ଅଞ୍ଚଳରେ ଏକର ଏକର ମକାଚାଷ ତଳେ ପଡି ନଷ୍ଟ ହୋଇଯାଇଛି। କୁହିମୁଣ୍ଡାରେ ବ୍ୟାପକଭାବେ ପରିବା ଓ ମକା ଚାଷ କ୍ଷତିଗ୍ରସ୍ତ ହୋଇଥିବା ଶମ୍ଭୁଭୂଷଣ ସାହୁ, କ୍ଷୀରୋଦ୍ର ପଧାନ, ଗଜିନ୍ଦ୍ର ପଧାନ, ସୁନୀଲ ପଧାନ, ସୁଶାନ୍ତ ସାହୁ, ରୋହିତ ସାହୁ, ଅଶ୍ୱିନୀ ସାହୁ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏହାର ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

# ୪ ପଞ୍ଚାୟତରେ ବାଇକ୍ ରାଲି

## ଫସଲ ବୀମା ଦାବି

ସମ୍ବଲପୁର,୨୨।୧୧(ବ୍ୟୁରୋ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକର ୫ ପଞ୍ଚାୟତ ଚାଷୀ ୨୦୧୮ ଫସଲ ବୀମା ଟଙ୍କା ଦାବିରେ ସୋମବାର ବାଇକ୍ ରାଲି କରି ପ୍ରତିବାଦ କରିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ସରକାରୀ କାର୍ଯ୍ୟକୁ ବିରୋଧ କରିବା ସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଗଡଲୁଇସିଂ କଲ୍ୟାଣ ମଣ୍ଡପରେ ଏକ ସମାବେଶ ହେବା ପରେ ବାଇକ୍ ରାଲି ଆରମ୍ଭ ହୋଇଥିଲା। ଚାଷୀମାନେ କେଶପାଲି, ଝୁଝୁମୁରା, ଲିପିଣ୍ଡା, କୟାକୁଦ ପଞ୍ଚାୟତକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଫସଲ ବୀମା ଟଙ୍କା ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବା ନେଇ ସମର୍ଥନ ଲୋଡିଥିଲେ। ଝୁଝୁମୁରା ବ୍ଲକ ସମ୍ମୁଖରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ବିଡିଓ ସୁରଜ



ଝୁଝୁମୁରା ବିଡିଓଙ୍କୁ ଚାଷୀମାନେ ଦାବିପତ୍ର ଦେଉଛନ୍ତି।

ବିଶ୍ୱାଳଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହାର ନକଲ ଝୁଝୁମୁରା ତହସିଲଦାର ଅଭିଶେଷ ସାହୁ, ଝୁଝୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳଙ୍କୁ ପ୍ରଦାନ କରିଥିଲେ। ଅଭିଯୋଗ କ୍ରମେ ୨୦୧୮ରେ ନିଅଣ୍ଟିଆ ବର୍ଷା ଓ ଅଦିନିଆ ବର୍ଷା ଯୋଗୁ ଧାନ ଫସଲ ନଷ୍ଟ ହୋଇଥିଲା। ରୋଗପୋକ ମଧ୍ୟ ଦାଉ ସାଧିଥିଲା। ପରିସଂଖ୍ୟାନ, ରାଜସ୍ୱ, କୃଷି, ବୀମା କମ୍ପାନୀ ପକ୍ଷରୁ କ୍ଷୟକ୍ଷତି ଆକଳନ ହୋଇଥିଲା। ଏପରି କି କେତେ ପରିମାଣ କ୍ଷତିପୂରଣ ଦିଆଯିବ ସେ ନେଇ ତାଲିକା

### ଭୋଟ ବର୍ଜନ, ସରକାରୀ କାର୍ଯ୍ୟକୁ ବିରୋଧ

ପ୍ରକାଶ ପାଇଥିଲା। ହେଲେ ପରେ ବୀମା କମ୍ପାନୀ ଟଙ୍କା ଦେଇନାହିଁ। ଦୀର୍ଘ ୨ବର୍ଷ ହେବ ବିଭିନ୍ନ ଉପାୟରେ ଆନ୍ଦୋଳନ ଜାରି ରହିଛି। ସରକାରୀ ଅଧିକାରୀ, ରାଜନେତା କେହି ଶୁଣିଲେ ନାହିଁ। ତେଣୁ ୪ ପଞ୍ଚାୟତରେ ନିର୍ବାଚନ କରିବାକୁ ଦିଆଯିବ ନାହିଁ। କୌଣସି ବ୍ୟକ୍ତି ପ୍ରାର୍ଥୀ ଭାବେ ଛିଡା ହେବେ ନାହିଁ। ଯଦି ବାହାରୁ କିଏ ଆସେ ତାଙ୍କୁ ମଧ୍ୟ ବିରୋଧ କରାଯିବ। ଫସଲ ବୀମା ଟଙ୍କା ଦେବାରେ ଯିଏ ସହଯୋଗ କରିବ ତାଙ୍କୁ ସମର୍ଥନ କରାଯିବ ବୋଲି ଚାଷୀମାନେ କହିଥିଲେ। ଗଡଲୁଇସିଂ ସରପଞ୍ଚ ଅଶ୍ୱିନୀ କୁମୁରା, ବେଦ ପ୍ରକାଶ ବିଶ୍ୱାଳ, ପ୍ରଫୁଲ୍ଲ ମିର୍ଦ୍ଧା, ପ୍ରଶାନ୍ତ ପ୍ରଧାନ, ପ୍ରେମା ସାହୁଲ, ଦିଲୀପ ବେହେରା, ଅବଦୁଲା ମାଝି ପ୍ରମୁଖ ଶତାଧିକ ଉପସ୍ଥିତ ଥିଲେ।

## ଭିସୁଟ୍‌ରେ ଅଟଳ ଏକାଡେମୀର କର୍ମଶାଳା

ସମ୍ବଲପୁର,୨୨।୧୧(ବ୍ୟୁରୋ)

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଅଧ୍ୟାପକମାନଙ୍କୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଅଟଳ ଏକାଡେମୀ ପକ୍ଷରୁ ଆୟୋଜିତ କର୍ମଶାଳା ୫ଦିନ ଧରି ଚାଲିବ। ଏଥିରେ ୧୨୨ଜଣ ସାମିଲ ହୋଇଥିଲେ। ଭିସୁଟ୍ କୁଳପତି ବଂଶୀଧର ମାଝିଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ଅଟଳ ଏକାଡେମୀର ଆସୋସିଏଟ ପ୍ରଫେସର ଡ. ତୃପ୍ତ ରଞ୍ଜନ ମହାପାତ୍ର, ମୁଖ୍ୟ ସଂଯୋଜକ ପ୍ରଫେସର ଦେବଦତ୍ତ ମିଶ୍ର, ପ୍ରତକ୍ତନ ମୁଖ୍ୟ ଡ. କମଳ ପାଲ, ପ୍ରଫେସର ପିୟୁଷ ରଞ୍ଜନ ଦାସ, ପ୍ରଫେସର ବିରେନ୍ଦ୍ର କୁମାର ବାରିକ ସଂଯୋଜନା କରିଥିଲେ।

## ଦେଓଗାଁ ବ୍ଲକ: ପଞ୍ଚାୟତ ନିର୍ବାଚନ ପାଇଁ ବଢ଼ିଲା ରାଜନୈତିକ ଗତିବିଧି

ଦେଓଗାଁ,୨୨।୧୧(ଡି.ଏନ.ଏ)

ବଲାଙ୍ଗୀର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦେଓଗାଁ ବ୍ଲକରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜନୈତିକ ଗତିବିଧି ସରଗରମ ହେବାରେ ଲାଗିଛି। ୧୨ ଓ ୧୩ନଂ ଜିଲା ପରଷଦ ଜୋନ ସହ ଦେଓଗାଁ ପଞ୍ଚାୟତ ସମିତି ଦଖଲ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ମଙ୍ଗଳବାର ବିଜେଡି ପକ୍ଷରୁ ସାଲେପାଲିରେ ବ୍ଲକସ୍ତରୀୟ କର୍ମୀ ସମାବେଶ କାର୍ଯ୍ୟକ୍ରମ ରହିଛି। ସେହିପରି କଂଗ୍ରେସ ପକ୍ଷରୁ ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାମରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି ନେଇ ବ୍ଲକ ଘେରାଉ କାର୍ଯ୍ୟକ୍ରମ ରହିଥିବା ଦଳର ବ୍ଲକ ସଭାପତି ରାମଜୀ ଚୌଧୁରୀ ସୂଚନା ଦେଇଛନ୍ତି। ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ ଓ ବ୍ଲକ କଂଗ୍ରେସ ସଭାପତି ଚୌଧୁରୀଙ୍କ କହିବାନୁସାରେ ପଞ୍ଚାୟତ ନିର୍ବାଚନରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କଲେ ଦଳର ବିଜୟ ସୁନିଶ୍ଚିତ। ବ୍ଲକ ବିଜେଡି ସଭାପତି ସୁଶୀଲ କୁମାର ଚାନ୍ଦ କହିଛନ୍ତି, ଚଳିତ ଥର ମଧ୍ୟ ଉଭୟ ୧୨ ଓ ୧୩ନଂ ଜିଲା ପରିଷଦ ଜୋନକୁ ଦଳ ଦଖଲ କରିବ । ଏଥିପାଇଁ ଦଳୀୟ ନେତା ଓ କର୍ମୀ ନିଷ୍ଠାପରଭାବେ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମ ଏଠାରେ ଦଳର ବିଜୟର ମୂଳ ପୁଞ୍ଜି ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ମେହେର କହିଛନ୍ତି।

## ଶ୍ରୀଅରବିନ୍ଦ ସ୍କୁଲରେ ପାଠଚକ୍ର



ପାଠଚକ୍ରରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର,୨୨।୧୧(ବ୍ୟୁରୋ)

ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକୀରେ ଏକ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଅରବିନ୍ଦ ସ୍କୁଲ ସଭାକକ୍ଷରେ ଉପାଧ୍ୟକ୍ଷ ବ୍ରଜକିଶୋର ହୋତାଙ୍କ ସଭାପତିତ୍ୱ ଓ ସ୍କୁଲ ପରିଚାଳନା କମିଟି ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅରୁଣ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମଣିଷ ଜୀବନ ଓ ଚେତନାକୁ ଉଚ୍ଚ ସ୍ତରକୁ ନେବା ଦିଗରେ ଶ୍ରୀଅରବିନ୍ଦଙ୍କ ଯୋଗ ଏବଂ ସାହିତ୍ୟ ଉଦ୍ଦିଷ୍ଟ ବୋଲି କହିଥିଲେ । ମିନାକ୍ଷୀ ଓ ସୁପ୍ରିୟା ମାତୃ ସଙ୍ଗୀତ ଗାନ କରିଥିଲେ ।

## କବାଡ଼ି ଖେଳାଳି ଚୟନ ଶିବିର

ଦେବଗଡ଼,୨୨।୧୧(ଡି.ଏନ.ଏ.)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ବରିଷ୍ଠ ଓ କନିଷ୍ଠ କବାଡ଼ି ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା କ୍ରୀଡା ସଂସଦ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ ଓ କବାଡ଼ି ସମ୍ପାଦକ ସୁବାସ ଚନ୍ଦ୍ର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଉଭୟ ବାଳିକା ବାଳକ ବର୍ଗର ମୋଟ ୪୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ଚୟନ ପ୍ରକ୍ରିୟାରେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ଜଗମୋହନ ମାଝି, ପ୍ରାକ୍ତନ କବାଡ଼ି ଖେଳାଳି ପ୍ରଦୀପ କୁମାର ଛତ୍ରିଆ, ଆଲୋକ କୁମାର ଅମାନ୍ତ ଓ ଶାରୀରିକ ଶିକ୍ଷା ନିରୀକ୍ଷକ ବାତ୍ସଲ୍ୟ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ଚୟନ ଶିବିରରେ ଖେଳାଳିଙ୍କ ସହ ଅତିଥିମାନେ।

ମନୋନୀତ ଖେଳାଳିମାନେ ଆଗାମୀ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲାରେ ହେବାକୁ ଥିବା ରାଜ୍ୟସ୍ତରୀୟ କବାଡି ଚାମ୍ପିୟନଶିପ ଓ ଡିସେମ୍ବର ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲାର ଆସିକାଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପରେ ଦେବଗଡ଼ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ଜିଲା କ୍ରୀଡା ସଂସଦ ସମ୍ପାଦକ ନାୟକ ସୂଚନା ଦେଇଛନ୍ତି।

## ଦାବି ପୂରଣ ନ ହେଲେ ଭୋଟ ବର୍ଜନ

ରେଙ୍ଗାଲି,୨୨।୧୧(ଡି.ଏନ.ଏ.)

ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତର ଦନ୍ତାମୁରା ଗ୍ରାମବାସୀ ବିଭିନ୍ନ ଦାବି ନେଇ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଦାବି ପୂରଣ ନ ହେଲେ ସେମାନେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ହୀରାକୁଦ ନଦୀବନ୍ଧ ଦ୍ୱାରା ବିସ୍ଥାପିତ ଗ୍ରାମର ଅଧିକାଂଶ ଲୋକ ହୀରାକୁଦ ଜଳଭଣ୍ଡାରରୁ ମାଛ ଧରି କିମ୍ବା ଦିନ ମଜୁରିଆ ଭାବେ ଜୀବିକା ନିର୍ବାହ କରନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମରେ ଜେଏସ୍‌ଡବ୍ଲ୍ୟୁର ଇନ୍‌ଟେକ୍ ୱେଲ ଥାଇ ମଧ୍ୟ ପାନୀୟ ଜଳ ପାଇବାରେ ଅସୁବିଧା ହେଉଛି। କମ୍ପାନୀ ଗାଡ଼ି ଯାତାୟାତ ଯାଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହାର ମରାମତି ହେବା ଆବଶ୍ୟକ। ଗ୍ରାମରେ ଥିବା ଏକମାତ୍ର ପୋଖରୀ ପଞ୍ଚାୟତ ପକ୍ଷରୁ ମାଛ ଚାଷ ପାଇଁ ନିଲାମ ଦିଆଯାଇଥିବାରୁ ପାଣି ଦୂଷିତ ହେଉଛି। ଫଳରେ ଗ୍ରାମବାସୀ ଗାଧୋଇବା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସମସ୍ୟା ଭୋଗୁଛନ୍ତି। ଘୋଷଣା ମୁତାବକ ବିସ୍ଥାପିତ ପରିବାରଙ୍କୁ ମିଳିଥିବା ୧୦ ଡେସିମିଲ ଜମିର ପଟ୍ଟା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି।

## ଭଏସ ଅଫ ୱେଷ୍ଟର୍ଣ୍ଣ ଓଡ଼ିଶା: ଅନିତା ସାହୁ ବିଜେତା




ଅତିଥିମାନେ ଅନୀତା ସାହୁଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି ।

ସମ୍ବଲପୁର,୨୨।୧୧(ବ୍ୟୁରୋ)

ସଙ୍ଗୀତ ପ୍ରତିଯୋଗିତା ଭଏସ ଅଫ ୱେଷ୍ଟର୍ଣ୍ଣ ଓଡ଼ିଶା ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନିତା ସାହୁ ବିଜେତା ହୋଇଛନ୍ତି। ସେହିପରି ଅଂଶିକା ସାହୁ ପ୍ରଥମ ରନର୍ସ ଅପ ଓ ଶ୍ୱେତାଙ୍ଗିନୀ ସିଂଦେଓ ଦ୍ୱିତୀୟ ରନର୍ସ ଅପ ଟ୍ରଫି ହାସଲ କରିଛନ୍ତି। ଏହିସହ ସିୟାଶରଣ ନାମଦେବଙ୍କୁ ଶ୍ରୋତାମାନଙ୍କ ଚୟନ ପୁରସ୍କାର ପ୍ରଦାନ କରାଯାଇଛି। ଆୟୋଜକ ରଙ୍ଗୋଲି ସଙ୍ଗୀତ ଅନୁଷ୍ଠାନ ଅଧ୍ୟକ୍ଷ ପବିତ୍ର କୁମାର ତ୍ରିପାଠୀଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଏଲ୍‌ଆଇସି ସମ୍ବଲପୁର ମଣ୍ଡଳ ସେଲ୍ସ ପ୍ରବନ୍ଧକ ଶରତ କୁମାର ପଣ୍ଡା, ପରମେଶ୍ୱର ମାଝି, ପ୍ରମୋଦ କୁମାର ରଥ, ସିର୍ଦ୍ଧାଥ ସାହା ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଙ୍ଗୀତଜ୍ଞ ଶଙ୍କର ପ୍ରସାଦ ପ୍ରଧାନ ଓ ହେମନ୍ତ ପାଣ୍ଡେ ବିଚାରକ ଥିଲେ। ଭଗବତୀ ସାଲେମା ଓ ସତ୍ୟନାରାୟଣ ତ୍ରିପାଠୀ କାଯର୍‌ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ଭାଗୀରଥି ସିଂଦେଓ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଦେଇଥିଲେ।

## ଭୋଟର ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨୨।୧୧(ବ୍ୟୁରୋ)

ହୀରାକୁଦ କଲେଜରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସୁମିତ୍ରା ପଣ୍ଡାଙ୍କ ପରିଚାଳନାରେ ସଭା ହୋଇଥିଲା। ଆସିଷ୍ଟାଣ୍ଟ କଲେକ୍ଟର ସୁଶାନ୍ତ ସାହୁ ମୁଖ୍ୟଅତିଥି ଓ ସଦର ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତିର୍ମୟୀ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭୋଟ ଦେବାର ଅଧିକାର ବିଷୟରେ ବୁଝାଇଥିଲେ। ଶେଷରେ ଡ. ମଞ୍ଜୁଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ସିନାପାଲି,୨୨।୧୧(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ମଖାପଦର ପଞ୍ଚାୟତ ଅନ୍ତର୍ଗତ ସିତଲିଖଲିଆ ଗ୍ରାମର ବ୍ୟକ୍ତିଙ୍କୁ ଭାଲୁ ଆକ୍ରମଣ କରିଛି। ତାଙ୍କ ନାମ ସଦାଶିବ ଖର୍ସେଲ। ସଦାଶିବ ଜାଳେଣି କାଠ ସଂଗ୍ରହ କରିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବାବେଳେ ଏକ ଭାଲୁ ତାଙ୍କୁ ଆତର୍କିତ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ସଦାଶିବ ଗୁରୁତର ଆହତ ହୋଇଛନ୍ତି। ଆହତ ଅବସ୍ଥାରେ ଗ୍ରାମବାସୀ ଓ ବନ କର୍ମଚାରୀ ଉଦ୍ଧାର କରି ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଆହତ ସଦାଶିବଙ୍କୁ ଚିକିତ୍ସା ସହ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀଙ୍କ ଦାବି କରିଛନ୍ତି।

## ଜାତୀୟ ପୁସ୍ତକ ସପ୍ତାହ ଉଦ୍‌ଯାପିତ




ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୨୨।୧୧(ବ୍ୟୁରୋ)

ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ତରଫରୁ ଜାତୀୟ ପୁସ୍ତକ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଚଉରପୁର ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ପାଠାଗାର ସଭ୍ୟ ରଘୁନାଥ ମିଶ୍ର, ପ୍ରାକ୍ତନ ଶିକ୍ଷାମଣ୍ଡଳାଧିଶ ଡ. ଗିରିଧାରୀ ହୋତା, ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ପୁସ୍ତକ ପଠନ ଆବଶ୍ୟକତା ବର୍ଣ୍ଣନା କରିଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ 'ପୁସ୍ତକ ପଠନର ଉପକାରିତା' ଶୀର୍ଷକ ବକ୍ତୃତା ପତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଶିକ୍ଷକ ଜଗଦାନନ୍ଦ ପୁରୋହିତ ଧନ୍ୟବାଦ ଦେଇଥିଲେ।

## ଅଭିନବ ଉପାୟରେ ଆକାଉଣ୍ଟରୁ ଟଙ୍କା ଲୁଟ୍

ରେଢାଖୋଲ,୨୨।୧୧(ଡି.ଏନ.ଏ.)

ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅଭିନବ ଉପାୟରେ ଟଙ୍କା ଲୁଟ୍ କରିବା ଅଭିଯୋଗରେ ଚାରମାଳ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଅନୁଗୋଳ ଜିଲା କିଶୋରନଗର ଥାନା ବ୍ରାହ୍ମଣିପାଲି ଗ୍ରାମର ଆଶିଷ ପ୍ରଦାନ (୨୫)। ପୋଲିସ ସୂତ୍ରରୁ ପ୍ରକାଶ ଗତ ୬ ତାରିଖରେ ଆଶିଷ ଚାରମାଳ ଥାନା ଭରତାପୁର ଗ୍ରାମର ଦିଲୀପ ଧଳଙ୍କ ସ୍ତ୍ରୀ ସୁଷମା ଧଳଙ୍କ ଘରକୁ ଯାଇ ତାଙ୍କ ବିଡି କାର୍ଡ, ଆଧାର କାର୍ଡ ଓ ଇ-ଶ୍ରମ କାର୍ଡ ଦେବାକୁ କହିଥିଲେ। ଏହା ଦେଲେ ବିଡି ଶ୍ରମିକ କାର୍ଡ କରିଦେବେ ଓ ବହୁତ ସୁବିଧା ପାଇବେ। ତାଙ୍କ କଥାରେ ବିଶ୍ୱାସ କରି ସୁଷମାଙ୍କ ସହ ଗ୍ରାମର ସାନା ସେଠୀ ଓ ଗୁରୁବାରୀ ଘିବେଲା ମଧ୍ୟ ଆଶିଷଙ୍କୁ ଆଧାର କାର୍ଡ ସହ ଅନ୍ୟ କାର୍ଡ ଦେଇଥିଲେ। ଏହାପରେ ଆଶିଷ ଏକ ଫିଙ୍ଗର ସ୍କାନର ଯୋଗେ



ଗିରଫ ଅଭିଯୁକ୍ତ, ଜବତ ଟଙ୍କା ଓ ଅନ୍ୟ ସାମଗ୍ରୀ।

ଉକ୍ତ ମହିଳାମାନଙ୍କ ଟିପଚିହ୍ନ ନେଇ ଫେରାର ହୋଇଯାଇଥିଲେ। ଗତ ୮ ତାରିଖରେ ମହିଳାମାନେ ବ୍ୟାଙ୍କକୁ ଯାଇ ଆକାଉଣ୍ଟ ଚେକ୍ କରିବା ବେଳକୁ ସାନାଙ୍କ ଆକାଉଣ୍ଟରୁ ୮ହଜାର, ସୁଷମାଙ୍କ ଆକାଉଣ୍ଟରୁ ୩ହଜାର ଓ ଗୁରୁବାରୀଙ୍କ ଆକାଉଣ୍ଟରୁ ୬ ହଜାର ଟଙ୍କା ଆଧାର ଏନାବଲ୍‌ଡ ପେମେଣ୍ଟ ସିଷ୍ଟମ ଯୋଗେ ଉଠାଇ ନିଆଯାଇଥିବା ଜାଣିଥିଲେ। ଏ ନେଇ ସୁଷମା ରବିବାର ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୧୬୦ ଦଫା ୪୨୦, ୪୧୯ ଓ ଆଇଟି ଆକ୍ଟର ଧାରା ୬୬ ଗ, ୬୬ ଘ'ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଆଶିଷ ଏହି ଥାନା ଅନ୍ତର୍ଗତ ଭରତାପୁର,

### ଅଭିଯୁକ୍ତ ଗିରଫ, ନଗଦ ଟଙ୍କା ଓ ଅନ୍ୟ ସାମଗ୍ରୀ ଜବତ

ବଡଖୋଳ, ଭତରା ଓ ରେଢାଖୋଲ ଥାନା ରତ୍ନା ବଡମାଳ ଗ୍ରାମର କେତେଜଣ ମହିଳାଙ୍କ ଆକାଉଣ୍ଟରୁ ପ୍ରାୟ ୬୦ ହଜାର ୫ଶହ ଟଙ୍କା ଉଠାଇ ନେଇଥିବା ଜଣାପଡିଥିଲା। ଚାରମାଳ ପୋଲିସ ଆଶିଷଙ୍କୁ ରେଢାଖୋଲ ଥାନା ଘୋଷରାମାଳ ଗ୍ରାମରୁ ଗିରଫ କରିବା ସହ ତାଙ୍କଠାରୁ ୫ ହଜାର ୨ଶହ ଟଙ୍କା, ଏକ ମୋବାଇଲ ଫୋନ, ଗୋଟିଏ ଇନଟେକ୍ସ ମଲଟି ମିଡିଆ, ଷ୍ଟାରଟେକ ଫିଙ୍ଗର ସ୍କାନର,୨ଟି ଫୋନ ପେ କ୍ୟୁଆର କୋର୍ଡ ସ୍କାନର,ଏଟିଏମ୍ କାର୍ଡ ଜବତ କରିଛି। ଆଶିଷଙ୍କୁ ସୋମବାର ରେଢାଖୋଲ ଏସ୍‌ଡିଜେଏମ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଘୁମୁରା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ

କୋକସରା,୨୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଉହଗାଁ ପଞ୍ଚାୟତ ସର୍ଗିଗୁଡାଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରବିବାର ଘୁମୁରା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ବିଧାୟକ ମୋଷଧି ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ତ୍ତିକ ପୂର୍ଣ୍ଣିମା ପରେ ଆୟୋଜିତ ଘୁମୁରା ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସାରସମାଲ ଦଳ ପ୍ରଥମ, ପଦ୍ମପୁର ଦଳ ଦ୍ୱିତୀୟ ଓ ଛିଲିପା ଘୁମୁରା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ।

